

ଯେତେବେଳେ ଅସୁବିଧା ଆସେ, ମନକୁ ସ୍ଥିର ରଖିବା ଉଚିତ।
- ଲେନିନ୍



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସ୍ମିତା ଏକ୍ସପ୍ରେସନ ପକ୍ଷରୁ କଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଉତ୍କଳ ଭାରତର ରାଜ୍ୟ ସମ୍ମିଳନୀ, ସାମ୍ବାଦିକ ଭବନ, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ଗୁରୁପଙ୍କଜ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ଇଣ୍ଡିଆନ ରେଡକ୍ରସ ସୋସାଇଟି ପକ୍ଷରୁ ସମ୍ମିଳନୀ, ରେଡକ୍ରସ ଭବନ, ଅପରାହ୍ନ ୪ଟା।
- ବିବେକାନନ୍ଦ ସ୍କୁଲର ବାର୍ଷିକୋତ୍ସବ, ରୟାଲ ରିସୋର୍ଟ, ସାମନ୍ତରାପୁର, ଅପରାହ୍ନ ୫ଟା।
- ବଂଶୀଧର ଓ ଇଲା ଫାଉଣ୍ଡେଶନ ପକ୍ଷରୁ ସମ୍ଭାବୀ ପୁରସ୍କାର, ଏମ୍‌ପ୍ରେସ, ଦ କ୍ରାଉନ ହୋଟେଲ, ଅପରାହ୍ନ ୫ଟା।
- ହାଇ-ଟେକ୍ କଲେଜ ଅଫ୍ ଇନଜିନିୟରିଂର ବାର୍ଷିକୋତ୍ସବ, କ୍ୟାମ୍ପସ ପରିସର, ଅପରାହ୍ନ ୫ଟା ୩୦।
- ରାଜ୍ୟସ୍ତରୀୟ ପ୍ରାକୃତିକ ତନ୍ତୁ ଓ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ସନ୍ଧ୍ୟା ୬ଟା।
- ସାମାଜିକ ଅନୁଷ୍ଠାନ 'ଦିଶା'ର ବାର୍ଷିକ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୧୫।
- ମିରର୍ ଗ୍ରୁପ ପକ୍ଷରୁ ନାଟକ 'କାନ୍ଦମାଷ୍ଟ୍ରେ' ପ୍ରଦର୍ଶିତ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

## ■ କ୍ୟାପିଟାଲ ହସ୍ପିଟାଲରେ ଚରମ ଅବ୍ୟବସ୍ଥା

# ଟିକେଟ୍ କାଉଣ୍ଟର ବନ୍ଦ କଲେ କର୍ମଚାରୀ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**



ଟିକେଟ୍ କାଉଣ୍ଟରରେ ଉତ୍ତେଜନାର ଦୃଶ୍ୟ।

■ଲାଇନରେ ରହି ଟିକେଟ୍ ନ ପାଇବାରୁ ଉତ୍ତେଜନା
■ଠିକା ସଂସ୍ଥା ଓ ହସ୍ପିଟାଲ କର୍ତ୍ତୃପକ୍ଷ ଦୋଷ ଲଦାଲଦି

ଚରମ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି କ୍ୟାପିଟାଲ ହସ୍ପିଟାଲ। ଯାନ୍ତ୍ରିକ ତ୍ରୁଟି ସାଙ୍ଗକୁ ଚିକିତ୍ସାରେ ଅବହେଳା ଅଭିଯୋଗ ହସ୍ପିଟାଲ ପିଛା ଛାଡୁନି। ଏ ସବୁ ସମସ୍ୟା ସତ୍ତ୍ୱେ ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସୋମବାର ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ରୋଗୀଙ୍କୁ ହାତଲେଖା ଟିକେଟ ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଠିକାସଂସ୍ଥା ଓ ହସ୍ପିଟାଲ କର୍ତ୍ତୃପକ୍ଷ ପରସ୍ପର ମଧ୍ୟରେ ଦୋଷ ଲଦାଲଦି ହେଉଥିବା ବେଳେ ରୋଗୀ ସମସ୍ୟାରେ ପେଷି ହୋଇଯାଉଛନ୍ତି। ସକାଳ ପ୍ରାୟ ୭ଟା। ହସ୍ପିଟାଲ ଟିକେଟ କାଉଣ୍ଟର ସାମ୍ନାରେ ଲାଗିଥିଲା ଲମ୍ବା ଲାଇନ। ରାତି ୪ଟାରୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଆଉଟ୍‌ଡୋର ଟିକେଟ ପାଇଁ ଲାଇନ୍‌ରେ ରହିଥିଲେ। ହେଲେ କମ୍ପ୍ୟୁଟର ଖରାପ ହେବା ସହ ଟିକେଟ କାଉଣ୍ଟର କର୍ମଚାରୀ ୧୧ମାସ ହେଲା ଦରମା ପାଇ ନ ଥିବାରୁ ହଠାତ୍ କାର୍ଯ୍ୟ ବନ୍ଦ କରିଥିଲେ। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ ହୋ ହଲ୍ଲା କରିବା ସହ ଟିକେଟ କାଉଣ୍ଟର କାଚକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଫାଣ୍ଡି ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡି ନ ଥିଲା। ଦୀର୍ଘ ଏକ ଘଣ୍ଟା ଧରି ଉତ୍ତେଜନା ଲାଗି ରହିବା ପରେ ପୋଲିସ ଓ ସହାୟ କର୍ମକର୍ତ୍ତାମାନେ ଟିକେଟ୍ କାଉଣ୍ଟରକୁ ଯାଇ ହାତ ଲେଖା ଟିକେଟ୍ ଦେଇଥିଲେ। ହେଲେ ରୋଗୀମାନେ କେଉଁ ୱାର୍ଡ୍‌କୁ ଯିବେ ତାହା ପୋଲିସ ଓ ସହାୟ କର୍ମକର୍ତ୍ତା ମଧ୍ୟ ଜାଣିପାରି ନ ଥିଲେ। ଯାହାକୁ ନେଇ ସେମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡିଥିଲେ।

ଆଉଟ୍‌ଡୋର ଟିକେଟ୍ କାଟିବା ପାଇଁ ଠିକା ନେଇଥିବା ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଥିଲା। ସଂସ୍ଥା ଟିକେଟ କାଉଣ୍ଟରରେ ଥିବା କମ୍ପ୍ୟୁଟର ସଜାଡୁ ନ ଥିବା ବେଳେ କର୍ମଚାରୀମାନଙ୍କୁ ମଧ୍ୟ ଦରମା ଦେଉ ନ ଥିଲା। ଏପରିକି କର୍ମଚାରୀମାନଙ୍କୁ ୧୧ମାସର ଦରମା ଠିକାସଂସ୍ଥା ଦେଇନାହିଁ। ଏହାକୁ ନେଇ କର୍ମଚାରୀମାନେ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଓ ଠିକା ସଂସ୍ଥାକୁ ଜଣାଇଥିଲେ ମଧ୍ୟ କିଛି ଫଳ ହୋଇ ନ ଥିଲା। ତେଣୁ କର୍ମଚାରୀମାନେ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ।

ନୟାଗଡ଼ରୁ ଆସିଥିବା ରୋଗୀ ରେବତୀ ବିଶ୍ୱାଳ କହିଛନ୍ତି, ମୋ ଦେହ ଭୀଷଣ ଖରାପ ହେବାରୁ ମୁଁ ଟିକେଟ ପାଇଁ ରାତି ୪ଟାରୁ ଲାଇନ୍‌ରେ ରହିଥିଲି। ହେଲେ କର୍ମଚାରୀମାନେ ଟିକେଟ୍ ନ ଦେଇ ହଠାତ୍ ଚାଲିଯାଇଥିଲେ। ସେମାନେ ଦରମା ନ ପାଇଲେ ଆମେ କ'ଣ ହଇରାଣ ହେବୁ ବୋଲି ସେ କହିଥିଲେ। ଏନେଇ ସ୍ୱର୍ଣ୍ଣ ନାମକ କର୍ମଚାରୀ କହିଛନ୍ତି, କମ୍ପ୍ୟୁଟର ଚାଲୁ ନ ଥିବା ଓ ୧୧ମାସ ଦରମା ବାକି ଥିବା ସମ୍ପର୍କରେ ଆମେ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇଛୁ। କିନ୍ତୁ ସେମାନେ କିଛି କଲେନି। ଆମେ କେତେ ଦିନ ମାଗଣା ଖଟିବୁ। ହାତରେ କେତେ ରୋଗୀଙ୍କୁ ଲେଖି ଟିକେଟ ଦେବୁ। ତେଣୁ କାର୍ଯ୍ୟ ବନ୍ଦ କଲୁ।

ଠିକାସଂସ୍ଥା ୟୁନିସଫ୍ଟର ନିର୍ଦ୍ଦେଶକ ଅଶୋକ କୁମାର ଦାଶ କହିଛନ୍ତି, ହସ୍ପିଟାଲକୁ ଆମେ ଟଙ୍କା ଦେବା ପାଇଁ କହିଥିଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ଆମେ କର୍ମଚାରୀଙ୍କୁ କେଉଁଠୁ ଟଙ୍କା ଆଣି ଦେବୁ ବୋଲି ସେ ପାଲଟା ପ୍ରଶ୍ନ କରିଥିଲେ।

ହସ୍ପିଟାଲ ଉପାଧ୍ୟକ୍ଷ ଧନଞ୍ଜୟ ଦାଶ କହିଛନ୍ତି, ଠିକା ସଂସ୍ଥା ଠିକ୍ ଭାବେ କାମ କରୁ ନ ଥିବା ନେଇ ଆଗରୁ ଅଭିଯୋଗ ହୋଇଥିଲା। ହେଲେ ଠିକା ସଂସ୍ଥା ସୁଧୁରୁନାହିଁ। ମାସକୁ ଅଢେଇ ଲକ୍ଷ ଟଙ୍କା ନେଉଛି। ହେଲେ ସମୁଦାୟ କର୍ମଚାରୀଙ୍କୁ ୬୦ ହଜାର ଟଙ୍କା ଦେଇପାରୁନାହିଁ। ଠିକାସଂସ୍ଥା ଜାଣିଶୁଣି ସମସ୍ୟା ସୃଷ୍ଟି କରୁଛି।



ରୁକୁଣାରଥ ପାଇଁ ଗୋଟା ଅନୁକୂଳ ପୂଜା କରାଯାଉଛି।

## ଶ୍ରୀ ଲିଙ୍ଗରାଜଙ୍କ ରୁକୁଣାରଥ ପାଇଁ ଗୋଟା ଅନୁକୂଳ

**ପୁରୁଣା ଭୁବନେଶ୍ୱର,୧୮।୩(ଡି.ଏନ୍.ଏ.)**

ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ସୋମବାର ବିଧିମୁତାବକ ରଥଖଳାରେ ନୟାଗଡ଼ରୁ ଆସିଥିବା ରଥ ଚକା ପାଇଁ ଆମ୍ବ ରଥ ଗୋଟା(କାଠ) ପୂଜାର୍ଚ୍ଚନା ହୋଇଛି। ସକାଳୁ ଠାକୁରଙ୍କ ଦୈନନ୍ଦିନ ନୀତି ଆଳତି, ଅବକାଶ, ଦର୍ଶନ, ରୋଷହୋମ ସରିବା ପରେ ମହାସ୍ନାନ, ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀ ବଲ୍ଲଭ ଶେଷ ହୋଇଥିଲା। ପରେ ପୂଜାପଣ୍ଡା, ପତ୍ରୀ, କାଳିଆବଡୁ, ଚର୍ଚ୍ଚେଇତ ସୁପରଭାଇଜର, ପର୍ବଯାତ୍ରୀ ବିଶୋଇ ଘଣ୍ଟଳ କାହାଳୀ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ରଥ ଖଳାରେ ପହଞ୍ଚିଥିଲେ। ପୂଜାପଣ୍ଡା ସାଙ୍ଗରେ ଠାକୁରଙ୍କ ମହାପ୍ରସାଦ ଆଣିଥିଲେ। ପରେ ପତ୍ରୀ ସେବାୟତ ଠା' କରିବା ପରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ଆଳତି ହେବା ପରେ ରଥ ନିର୍ମାଣ କରିବାକୁ ରହିଥିବା ମହାରଣା ସେବାୟତମାନେ କୁରାଢ଼ିରେ ଉକ୍ତ ରଥ ଗୋଟାରେ ଚୋଟ ମାରିଥିଲେ। ଏହା ପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ହୋଇଥିଲା।

## ଶ୍ରୀ ଲିଙ୍ଗରାଜଙ୍କ ହୁଣ୍ଡିରୁ ଚୋରି ଘଟଣା
## ଅଭିଯୁକ୍ତ ଗିରଫ

**ପୁରୁଣା ଭୁବନେଶ୍ୱର,୧୮।୩(ଡି.ଏନ୍.ଏ.):** ଶ୍ରୀ ଲିଙ୍ଗରାଜଙ୍କ ହୁଣ୍ଡିରୁ ଚୋରି କରିବା ଘଟଣାରେ ଲିଙ୍ଗରାଜ ଥାନା ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ବଲାଙ୍ଗୀର ମଲପଡ଼ା ଅଞ୍ଚଳର ବସନ୍ତ ଗୌଡ଼। କିନ୍ତୁ ସେ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ରହି କାମ କରୁଥିଲେ। ସୂଚନା ଅନୁଯାୟୀ, ବସନ୍ତ ଶନିବାର ମନ୍ଦିରରେ ଭିଡ଼ ଥିବାବେଳେ ହୁଣ୍ଡି ନିକଟରେ ରହି କାଗଜ ଠୋଲା ଦ୍ୱାରା ଚୋରି କରୁଥିଲେ। ମନ୍ଦିରରେ ଲାଗିଥିବା ସିସିଟିଭିରୁ ଏହା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ମାମଲା(ନଂ.୪୬/୧୯) ରୁଜୁ ହୋଇଥିଲା। ସୋମବାର କେଦାରଗୌରୀ ମନ୍ଦିରରେ ବସନ୍ତ ବସିଥିବା ବେଳେ ମନ୍ଦିର ପ୍ରଶାସନ ଏବଂ ଥାନା ପକ୍ଷରୁ ଜାରି ହୋଇଥିବା ଫଟୋରୁ ଲୋକମାନେ ଚିହ୍ନିପାରି ତାଙ୍କୁ ଧରି ଥାନାରେ ଜିମା ଦେଇଥିଲେ। ବସନ୍ତ ରେଜା ପଇସା ନେଇଥିବା କହୁଥିବାବେଳେ ପୋଲିସ ପଚରାଉଚରା ବେଳେ ସେ ୫ରୁ ୬ହଜାର ଟଙ୍କା ଚୋରି କରି ନେଇଥିବା ମାନିଥିବା ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର କହିଛନ୍ତି।



ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ସୋମବାର ଅନୁଷ୍ଠିତ ଭାରତ ସେବାଶ୍ରମ ସଂଘର ୧୦୩ତମ ପ୍ରତିଷ୍ଠା ଦିବସ ଅବସରରେ କଳାକାରମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

## ବେଦାନ୍ତ ସୁରକ୍ଷାକର୍ମୀଙ୍କ ଗୁଳିରେ ମୃତ୍ୟୁ ଘଟଣା
## ଓଏଚ୍ଆର୍‌ସିଙ୍କ ହସ୍ତକ୍ଷେପ ଦାବି

**ଭୁବନେଶ୍ୱର,୧୮।୩ (ବ୍ୟୁରୋ)**

କଳାହାଣ୍ଡିର ବେଦାନ୍ତ ଆଲୁମିନା କାରଖାନା ସମ୍ମୁଖରେ ବିଭିନ୍ନ ଦାବିରେ ଧାରଣାରତ ସ୍ଥାନୀୟ ବାସିନ୍ଦାଙ୍କ ଉପରେ ବେଦାନ୍ତ ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ଲାଞ୍ଜିଗଡ ଜନ ଆନ୍ଦୋଳନର ନେତା ଲିଙ୍ଗରାଜ ଆଜାଦଙ୍କୁ ଗିରଫ କରାଯାଇଛି। ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ୭ ଜଣିଆ ପ୍ରତିନିଧି ଦଳ ରାଜ୍ୟ ମାନବାଧିକାର କମିଶନ (ଓଏଚଆରସି)ଙ୍କୁ ଭେଟି ଅଭିଯୋଗ କରିଛନ୍ତି।

## ମହିଳା ବୀମା ଏଜେଣ୍ଟଙ୍କୁ ଅସଦାଚରଣ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

### ଜେଲ ଗଲେ ସିପାହି

ଜଣେ ମହିଳା ବୀମା ଏଜେଣ୍ଟଙ୍କୁ ଅସଦାଚରଣ କରି ଜଣେ ସିପାହିଙ୍କୁ ଜେଲ ଯିବାକୁ ପଡ଼ିଛି। ସେ ହେଲେ ବଲାଙ୍ଗୀର ଜିଲ୍ଲା ଆମ୍ବାପାଲି ଅଞ୍ଚଳ ବାସିନ୍ଦା ତଥା ଭୁବନେଶ୍ୱର ତୃତୀୟ ବାଟାଲିୟନରେ କାର୍ଯ୍ୟରତ ସିପାହି ରାଜକିଶୋର ଭୋଇ। ସୂଚନା ମୁତାବକ, ଜୀବନ ବୀମା କରିବା ନେଇ ମହିଳାଙ୍କ ସହ ଅଭିଯୁକ୍ତ ରାଜକିଶୋରଙ୍କ ସାକ୍ଷାତ ହୋଇଥିଲା। ପରବର୍ତ୍ତୀ ସମୟରେ ମହିଳାଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ଅଭିଯୁକ୍ତ ମହିଳାଙ୍କ ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇଥିଲେ। ମାତ୍ର ମହିଳାଙ୍କ ସ୍ୱାମୀଙ୍କ ହାତରେ ଫଟୋ ସବୁ ଲାଗିବା ପରେ ମହିଳା ଜଣକ ସମସ୍ତ ଘଟଣା ପ୍ରକାଶ କରିଥିଲେ। ମହିଳା ଜଣକ ଜୀବନ ବୀମା କରିବା ପାଇଁ ରାଜକିଶୋରଙ୍କ ପାଖକୁ ଯିବା ସମୟରେ ସେ ତାଙ୍କୁ ଅସଦାଚରଣ କରିଥିଲେ। ଏହାପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ବ୍ଲାକମେଲିଂ କରି ବାରମ୍ବାର ଅସଦାଚରଣ କରିଥିବା ସେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ଏ ନେଇ ଦମ୍ପତି ରବିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୩୪/୧୯ରେ ଏକ ମାମଲା ରୁଜୁ ପରେ ଘଟଣାର ତଦନ୍ତ କରିଛି।।

## ବିମାନ ବନ୍ଦରରେ ଯାତ୍ରୀଙ୍କ ଠାରୁ ଗୁଳି ଜବତ

**ପୁରୁଣା ଭୁବନେଶ୍ୱର,୧୮।୩(ଡି.ଏନ୍.ଏ.):** ସୋମବାର ଭୁବନେଶ୍ୱର ବିମାନ ବନ୍ଦରରେ ଜଣେ ଯାତ୍ରୀଙ୍କ ଠାରୁ ଗୁଳି ଜବତ ହୋଇଛି। ସୂଚନା ଅନୁଯାୟୀ, ଦିଲ୍ଲୀରୁ ଭୁବନେଶ୍ୱରକୁ ଆସିଥିବା ବ୍ୟବସାୟୀ ରଜତ ଜଓ୍ୱା ସନ୍ଧ୍ୟାରେ ମିଟିଂ ସାରି ଦିଲ୍ଲୀ ଫେରୁଥିଲେ। ବିମାନବନ୍ଦରରେ ତାଙ୍କ ଏୟାରବ୍ୟାଗ ସ୍କାନିଂ ବେଳେ ବ୍ୟାଗରେ ୫ଟି .୨ଏମ୍ଏମ୍‌ର ଗୁଳି ଥିବା ଜଣାପଡିଥିଲା। ପରେ ଏୟାରପୋର୍ଟ ଥାନା ପୋଲିସ ପହଞ୍ଚି ଗୁଳି ଜବତ କରିବା ସହ ଘଟଣାର ଅନୁସନ୍ଧାନ କରିଥିଲା। ରଜତଙ୍କ ବନ୍ଧୁକ ଲାଇସେନ୍ସ ରହିଛି। ତେବେ ଭୁଲ ବଶତଃ ଘରୁ ଗୁଳି ଚାଲିଆସିଛି ବୋଲି ରଜତ ପୋଲିସ ଆଗରେ କହିଛନ୍ତି।

## ପ୍ରତିଶ୍ରୁତି ପାଳନ ନହେଲେ ମଧ୍ୟାହ୍ନଭୋଜନ ବନ୍ଦ ଚେତାବନୀ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ସରକାରଙ୍କ ତରଫରୁ ରାଜ୍ୟ ମଧ୍ୟାହ୍ନଭୋଜନ ନୋଡାଲ୍ ଅଫିସର ସୋମବାର ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେଶନ କର୍ମକର୍ତ୍ତାଙ୍କୁ ଆଲୋଚନା ନିମନ୍ତେ ଡାକିଥିଲେ। ରାଜ୍ୟ ନୋଡାଲ୍ ଅଫିସରଙ୍କ ପ୍ରକୋଷ୍ଠରେ ଶିକ୍ଷକ ସଙ୍ଗଠନର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ଚାଲିଥିଲା। ଏ ନେଇ ଶିକ୍ଷକ ସଙ୍ଗଠନର ରାଜ୍ୟ ସଭାପତି ହୃଦାନନ୍ଦ ଦ୍ୱିବେଦୀ ଜଣାଇଛନ୍ତି, ମଧ୍ୟାହ୍ନଭୋଜନ ନାମରେ ଶିକ୍ଷକମାନଙ୍କ ଉପରେ ରାଜ୍ୟ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା କମିଶନ୍‌ଙ୍କ ଦ୍ୱାରା ମିଥ୍ୟା ଦୋଷାରୋପ କରାଯାଇ ରାଜ୍ୟ ନୋଡାଲ୍ ଅଫିସରଙ୍କ ଦ୍ୱାରା ଯେଉଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପତ୍ର ଦିଆଯାଇଛି, ତାହା ତୁରନ୍ତ ପ୍ରତ୍ୟାହାର କରାଯାଉ। ରାଜ୍ୟ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା କମିଶନରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କ ସହ ଆଲୋଚନା କରି ତୁରନ୍ତ ସମାଧାନ କରିବେ ବୋଲି ନୋଡାଲ୍ ଅଫିସର୍ ଗଙ୍ଗାଧର ସାହୁ ପ୍ରତିଶ୍ରୁତି ଦେଇଥିବା ଦ୍ୱିବେଦୀ କହିଛନ୍ତି। ତେବେ ଏହାକୁ ସଙ୍ଗଠନ ପକ୍ଷରୁ ବିଶ୍ୱାସ କରାଯାଇନାହିଁ। ତୁରନ୍ତ ସମ୍ପୃକ୍ତ ଚିଠିକୁ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରୁ ବନ୍ଦ କରାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।

## ଲୁଟ୍ ଉଦ୍ୟମ ବିଫଳ

**ବାଲିପାଟଣା,୧୮।୩(ଡି.ଏନ୍.ଏ.)**

ବାଲିପାଟଣା ଥାନା ଅନ୍ତର୍ଗତ ଆମଣାକୁଦ-ନିଆଳି ରାସ୍ତାରେ ବନ୍ଧୁକ ଫୁଟାଇ ଜଣେ ବ୍ୟକ୍ତିଙ୍କଠାରୁ ଲୁଟ ଉଦ୍ୟମ ବେଳେ ବିଫଳ ହୋଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଏ ନେଇ ବନମାଳିପୁର ଦିୱାନ ପାଟଣାର ଦୀପ୍ତିରଞ୍ଜନ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୬୪/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନିଆଳିରୁ ରବିବାର ରାତିରେ ଦୀପ୍ତି ଘରକୁ ଫେରୁଥିବା ବେଳେ ୩ ଦୁର୍ବୃତ୍ତ ଲୁଟ୍ ଉଦ୍ଦେଶ୍ୟରେ ତାଙ୍କୁ ଅଟକାଇ ଥିଲେ। କିନ୍ତୁ ସେ ବାଇକର ସ୍ପିଡ ବଢ଼ାଇ ସେମାନଙ୍କ ଆଖୁ ମାଡ଼ିଯାଇ ଆଗକୁ ପଳାଇଥିଲେ। ଫଳରେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଫୁଟାଇଥିଲେ।

## ପିସିଆର ଭ୍ୟାନ୍‌ରେ ରହିବେ ବନ୍ଧୁକଧାରୀ ପୋଲିସ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା, ରଘୁନାଥପୁର ଅଞ୍ଚଳରୁ ଭୁଜାଲିରେ ହାଣି ୫ ଜଣଙ୍କଠାରୁ ଲୁଟ୍ କରିବା ଏବଂ ଶହୀଦନଗର ଥାନା ଟଙ୍କପାଣି ରୋଡ୍ ସାଇମନ୍ଦିର ନିକଟରେ ଥିବା ଖଟାମିଠା କଲ୍ୟାଣୀ ମଣ୍ଡପର ସିକ୍ୟୁରିଟି ଗାର୍ଡଙ୍କୁ ଗୁଳିମାଡ଼ ପରେ କମିଶନରେଟ ପୋଲିସର ଚେତା ପଶିଛି। ରାଜଧାନୀରେ ଅପରାଧୀଙ୍କ ଦମନ ପାଇଁ ପୋଲିସ ଆପଣାଇଛି ନୂଆ ରଣନୀତି। ପୂର୍ବରୁ ରାତି ୧୦ରୁ ଭୋର ୪ଟା ପର୍ଯ୍ୟନ୍ତ ବ୍ଲକିଂ ଓ ଚେକିଂ ହେଉଥିବା ବେଳେ ଏଣିକି ରାତି ୧୦ରୁ ସକାଳ ୭ଟା ପର୍ଯ୍ୟନ୍ତ ବ୍ଲକିଂ ଓ ଚେକିଂ କରାଯିବ। ଏହାଛଡ଼ା ଯେଉଁମାନଙ୍କ ଉପରେ ସନ୍ଦେହ ହେବ ସେମାନଙ୍କର ଗାଡିକାଗଜପତ୍ର ଯାଞ୍ଚ କରାଯିବ। ଏହାସହ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ବ୍ୟକ୍ତିମାନଙ୍କୁ କାବୁ କରି ଥାନାକୁ ନେଇ ପଚରାଉଚରା କରାଯିବ। ପିସିଆର ଭ୍ୟାନ୍‌ରେ ଅଭିଜ୍ଞତା ପ୍ରାପ୍ତ ବନ୍ଧୁକଧାରୀ ପୋଲିସ ରହିବେ। ଯଦି ଅପରାଧୀ ବନ୍ଧୁକ ଧରି ପୋଲିସକୁ ଆକ୍ରମଣ କରନ୍ତି ତେବେ ସେମାନଙ୍କୁ ବନ୍ଧୁକଧାରୀ ପୋଲିସ ଜବାବ ଦେବେ ବୋଲି ନିଷ୍ପତ୍ତି ହୋଇଛି।

ସେହିପରି ରାଜଧାନୀର ଏକାଧିକ ପାର୍କ ଓ ମର୍ଣ୍ଣିଂ ୱାକ୍ କରୁଥିବା ସ୍ଥାନରେ ପିସିଆର ଭ୍ୟାନ୍ ପାଟ୍ରୋଲିଂ କରିବା ସହ ବାଇକ୍ ଓ ଫୁଟ୍ ପେଟ୍ରୋଲିଂ କରାଯିବ। ବାଇକ୍ ଦ୍ୱାରା ପୋଲିସ କଲୋନୀର ଗଳିକନ୍ଦିରେ ପଇଁତରା ମାରିବ ବୋଲି ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି। ଯେଉଁମାନେ ପେଶାଦାର ଅପରାଧୀ ଜାମିନରେ ଜେଲ୍ ଆସୁଛନ୍ତି ସେମାନଙ୍କ ଉପରେ କଡ଼ା ନଜର ରଖାଯିବ। ସେମାନଙ୍କୁ ଫୋନ୍ କଲ ମଝିରେ ମଝିରେ ଯାଞ୍ଚ କରାଯିବ। ବିଶେଷ କରି ଲୁଟେରାମାନେ ବରିଷ୍ଠ ନାଗରିକ ମାନଙ୍କୁ ଟାର୍ଗେଟ କରୁଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ଅଧିକ ଧ୍ୟାନ ଦିଆଯିବ। ସେମାନଙ୍କ ଘରକୁ ପୋଲିସ ପରିଦର୍ଶନରେ ଯିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ପୋଲିସ ଅଫିସର ଯାଉନାହାନ୍ତି। ତେଣୁ ପୋଲିସ ଅଫିସର ଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯିବା ସହ ସେମାନେ ଯାଇ ବରିଷ୍ଠ ନାଗରିକଙ୍କ ସମସ୍ୟା ବୁଝିବା ପାଇଁ କୁହାଯିବ ବୋଲି ପୋଲିସ କମିଶନର କହିଛନ୍ତି।

## ରକ୍ତ ସୁରକ୍ଷା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଉଚିତ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗ ପକ୍ଷରୁ ଗତ ଶନିବାର 'ରକ୍ତ ସୁରକ୍ଷା ବୃଦ୍ଧି କରିବା-କ୍ଷଣିକର ଆବଶ୍ୟକତା' ସମ୍ପର୍କିତ ଏକ ଆଲୋଚନାଚକ୍ର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଜୟଶ୍ରୀ ମହାନ୍ତି, ଅଧୀକ୍ଷକ ପ୍ରଫେସର ଡ. ସି.ବି.କେ. ମହାନ୍ତି, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ସୁଶୀଲ କୁମାର କର ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ସମ୍ମତ ଅଧିବେଶନରେ ରକ୍ତ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଲକ୍ଷ୍ନୌସ୍ଥିତ ଏସ୍.ଜି.ପି.ଜି.ଆଇ.ର ପ୍ରଫେସର ଡ. ରାଜେନ୍ଦ୍ର ଚୌଧୁରୀ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପ୍ରଫେସର ଡ. ପଙ୍କଜ ପରିଡ଼ା ବୈଷୟିକ ଅଧିବେଶନରେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଭିନ୍ନ ରକ୍ତଭଣ୍ଡାର କର୍ମଚାରୀଙ୍କ ସହ କଲେଜର ସମସ୍ତ ବିଭାଗର ଶିକ୍ଷକଗୋଷ୍ଠୀ ଓ ଛାତ୍ରୀଛାତ୍ର ଏହି ଅବସରରେ ଉପସ୍ଥିତ ଥିଲେ।




# ଥଇଥାନ ଜିଦରେ ବ୍ୟବସାୟୀ ଅଟଳ

**କଟକ ରୋଡ,୧୮।୩(ଡି.ଏନ୍.ଏ.)**



ବିଡିଏ ଏବଂ ବିଏମ୍‌ସି ଅଧିକାରୀ ବ୍ୟବସାୟୀଙ୍କ ସହ ଆଲୋଚନା କରୁଛନ୍ତି।

■କୋର୍ଟ ନିର୍ଦ୍ଦେଶନାମା ଦେଖାଇପାରିଲାନି ବିଡିଏ
■ସହଯୋଗ କଲେନି ବିଏମ୍‌ସି ଅଧିକାରୀ
■୩ ଘଣ୍ଟା ପରେ ଫେରିଗଲା ଉଚ୍ଛେଦ ଟିମ୍

ଉଚ୍ଛେଦ ପାଇଁ ଆସୁଥିବା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏବଂ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଧିକାରୀ ଘଟଣାସ୍ଥଳରେ ଲୋକଙ୍କୁ ସାମ୍ନା କରିପାରୁନାହାନ୍ତି। ସମ୍ପୂର୍ଣ୍ଣ ତଥ୍ୟ ନ ରହିବା ଫଳରେ ଅନେକ ସମୟରେ ଉଚ୍ଛେଦକାରୀ ଟିମ୍ ହଟହଟା ହେଉଥିବା ଦେଖିବାକୁ ମିଳୁଛି। ସୋମବାର ବିଡିଏ ଓ ବିଏମ୍‌ସି ଅଧିକାରୀ ବଡ଼ଗଡ଼ ଅଧୀନ ମ୍ୟୁଜିୟମ ଛକ ନିକଟରୁ ଜବରଦଖଲ ଉଚ୍ଛେଦ ପାଇଁ ଆସିଥିଲେ। ମାତ୍ର ଘଟଣାସ୍ଥଳରେ ବିଡିଏ ଅଧିକାରୀଙ୍କୁ ଅପଦସ୍ଥ ହେବାକୁ ପଡିଥିବା ବେଳେ ବିଏମସି ଅଧିକାରୀ ଅଧାରୁ ପଳାଇଥିବା ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ନିର୍ମାଣ ହେଉଥିବା ପ୍ରାୟ ୧୯ଟି ଅସ୍ଥାୟୀ ନିର୍ମାଣକୁ ହଟାଇବା ପାଇଁ ବିଏମସି ଉଦ୍ୟମ ଚଳାଇଛି। ପ୍ରାୟ ୩୦ବର୍ଷ ଧରି ଏଠାରେ ଥିବା ବ୍ୟବସାୟୀ ଉଚ୍ଛେଦ ପୂର୍ବରୁ ସେମାନଙ୍କ ଥଇଥାନ ଦାବି ଚଳାଇଛନ୍ତି। ଏହା ମଧ୍ୟରେ ୭ଜଣଙ୍କୁ ଅନ୍ୟତ୍ର ଥଇଥାନ କରାଯାଇଥିବା ବେଳେ ଅନ୍ୟ ବ୍ୟବସାୟୀଙ୍କୁ ସ୍ଥାନ ମିଳିନାହିଁ। ବାରମ୍ବାର ଏମାନଙ୍କୁ ଉଚ୍ଛେଦ ପାଇଁ ଚେଷ୍ଟା ଫଳରେ ୧୯ଜଣ ବ୍ୟବସାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ବୋଲି ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି। ଗତ ଜାନୁୟାରୀ ୯ରେ ଉକ୍ତ ବ୍ୟବସାୟୀ କୋର୍ଟଙ୍କୁ ପୁନର୍ବାର ଅବଗତ କରିବା ପରେ ପ୍ରଥମେ ସେମାନଙ୍କୁ ଥଇଥାନ ପରେ ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଥିବା ଜଣାପଡିଛି। ଏହା କାର୍ଯ୍ୟକାରୀ ହୋଇ ନ ଥିବାବେଳେ ସୋମବାର ବିଡିଏ ଓ ବିଏମସି ଅଧିକାରୀମାନେ ଉକ୍ତ ବ୍ୟବସାୟୀଙ୍କୁ ସେଠାରୁ ଉଚ୍ଛେଦ ପାଇଁ ଆସିଥିଲେ। ଶନିବାର ବ୍ୟବସାୟୀଙ୍କୁ ନୋଟିସ ମାଧ୍ୟମରେ ବିଏମସି ଜଣାଇବା ପରେ ସୋମବାର ମଧ୍ୟାହ୍ନ ପ୍ରାୟ ୧୧ଟା ରେ ବିଡିଏ ଅତିରିକ୍ତ କମିଶନର ବିଜୟ କୁମାର ଦାସ(ଏନଫୋର୍ସମେଣ୍ଟ), ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର, ଲିଆସନିଂ ଅଧିକାରୀ ଶୁଭ୍ରାଂଶୁ ମହାନ୍ତିଙ୍କ ସହ କମିଶନରେଟ ପୋଲିସ ଜୋନ ୪ ଏସିପି ଅମରେନ୍ଦ୍ର ପଣ୍ଡା, ଥାନାଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସହ ଏକ ପ୍ଲାଟୁନ ଫୋର୍ସ ଉଚ୍ଛେଦ ସ୍ଥଳରେ ପହଞ୍ଚିଥିଲେ। ଉଚ୍ଛେଦ ଟିମକୁ ଦେଖି ବ୍ୟବସାୟୀ ଏକଜୁଟ ହେବା ସହ ଅଧିକାରୀଙ୍କୁ ଘେରିଥିଲେ। ହାଇକୋର୍ଟରେ ମାମଲା ଥିବାବେଳେ କିଭଳି ଉଚ୍ଛେଦ ହେବ ବୋଲି ପ୍ରଶ୍ନ କରିଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅନ୍ୟତ୍ର ଥଇଥାନ ନ କରାଯିବା ପର୍ଯ୍ୟନ୍ତ ଏହି ସ୍ଥାନ ଛାଡିବେ ନାହିଁ ବୋଲି ବ୍ୟବସାୟୀ ଜିଦ କରିଥିଲେ। ଇତି ମଧ୍ୟରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ରଶ୍ମି ମହାପାତ୍ର, ଭାଜପା ନେତା ବାବୁ ସିଂ ପହଞ୍ଚିବା ପରେ ବ୍ୟବସାୟୀଙ୍କ ପ୍ରତିବାଦ ଜୋର ଧରିଥିଲା। ବିଏମସି ପକ୍ଷରୁ ଦିଆଯାଇଥିବା ପତ୍ର ୮୬୪୬ ତା. ୮/୩/୧୯ ଅନୁଯାୟୀ ବିଡିଏ ଉଚ୍ଛେଦ ପାଇଁ ଆସିଥିବା ବିଡିଏ ଅଧିକାରୀମାନେ ଯୁକ୍ତି ଦର୍ଶାଇଥିଲେ। ଉଚ୍ଛେଦ ପାଇଁ କୋର୍ଟ ଜଣାଇଥିବା ନିର୍ଦ୍ଦେଶନାମା ଦେଖାଇବା ପରେ ଆପଣାଯାଏଁ ବ୍ୟବସାୟୀମାନେ ହଟିବେ ବୋଲି ଜିଦରେ ଅଟଳ ରହିଥିଲେ। ମାତ୍ର ବିଡିଏ ପକ୍ଷରୁ ଏହି ନିର୍ଦ୍ଦେଶନାମା ଦେଖାଯାଇପାରି ନ ଥିଲା। ଫଳରେ ଉତ୍ତେଜନା ବଢିବା ଦେଖି ଘଟଣାସ୍ଥଳକୁ ଆସିଥିବା ବିଏମସି ଜୋନାଲ ଡେପୁଟି କମିଶନର ରୂପକ କୁମାର ପଟ୍ଟନାୟକ ମଧ୍ୟ ନିର୍ଦ୍ଦେଶନାମା ଦେଖାଇବା ବାବଦରେ ବିଡିଏ ଅଧିକାରୀ ସହଯୋଗ ନ କରିବା ଫଳରେ ପରିସ୍ଥିତ ଜଟିଳ ହୋଇଥିଲା। ବିଲଡର ସଂସ୍ଥା ସପକ୍ଷରେ ବିଡିଏ ଓ ବିଏମସି ଅଧିକାରୀମାନେ ଜାଣିଶୁଣି ନୀରବ ରହୁଛନ୍ତି ବୋଲି ବ୍ୟବସାୟୀ ଅଭିଯୋଗ କରିଥିଲେ। ପ୍ରାୟ ୩ଘଣ୍ଟା ଏଭଳି ଘଟଣା ଘଟିବା ଯୋଗୁ ବିଡିଏ ଅଧିକାରୀମାନେ ଫେରିବାକୁ ବାଧ୍ୟ ହେବା ସହ ନିକଟରେ ଥିବା ଏକ ଓମଫେଡ ବୁଥକୁ ଭାଙ୍ଗିଥିଲେ। ବିଏମସି ଅଧିକାରୀ ସହଯୋଗ ନ କରିବା ଫଳରେ ଅଯଥା ଆକ୍ରୋଶର ଶିକାର ହେବାକୁ ପଡ଼ିଲା ବୋଲି ଏନଫୋର୍ସମେଣ୍ଟ ଅଧିକାରୀ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ବ୍ୟବସାୟୀଙ୍କ ଏକ ପ୍ରତିନିଧି ଦଳ ବିଏମସି କମିଶନର ସମର୍ଥ ବର୍ମାଙ୍କୁ ଭେଟିବା ପରେ ଘଟଣା ବାବଦରେ ଅନୁଧ୍ୟାନ କରାଯାଇ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜୋନାଲ ଡେପୁଟି କମିଶନର ପଟ୍ଟନାୟକ କୁହନ୍ତି, ଏ ବାବଦରେ ବିଡିଏ ଅତିରିକ୍ତ କମିଶନରଙ୍କୁ ପଚାରନ୍ତୁ ବୋଲି କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।



ଦୁଃଖ ଆପେ ଆପେ ଆସୁଥିବାରୁ
ସେ ଚିରସ୍ଥାୟୀ ନୁହେଁ।
- ଶ୍ରୀମା



## ସଂକ୍ଷେପରେ

### ରତ୍ନଭଣ୍ଡାର ଖୋଲିବା ଦାବିରେ ବିକ୍ଷୋଭ



**ପୁରୀ ଅଫିସ,୧୮।୩:** ରତ୍ନଭଣ୍ଡାର ଖୋଲିବା ଦାବିରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ସୋମବାର ସିଂହଦ୍ୱାର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବାହ୍ନରେ ସେନାର କର୍ମୀମାନେ ରତ୍ନଭଣ୍ଡାରକୁ ନେଇ ବିଭିନ୍ନ ପ୍ରକାର ନାରାବାଜି ଦେବା ସହ ବିକ୍ଷୋଭ କରିଥିଲେ। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ନିଶ୍ଚିତ ଦୁର୍ଭାଗ୍ୟଜନକ ଘଟଣା। ଏହାକୁ ନେଇ ସେତେବେଳେ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ରତ୍ନଭଣ୍ଡାର ଚାବିକୁ ନେଇ ସରକାର ତଦନ୍ତ କମିଶନ ବସାଇଥିଲେ। କମିଶନ ୩ ମାସରୁ ଊର୍ଦ୍ଧ୍ୱ ହେଲାଣି ତାଙ୍କ ରିପୋର୍ଟ ସରକାରଙ୍କୁ ଦେଇସାରିଛନ୍ତି। ହେଲେ ସରକାର ଏହାକୁ ଏ ପର୍ଯ୍ୟନ୍ତ ରିପୋର୍ଟ ସାର୍ବଜନୀନ କରିନାହାନ୍ତି। ଏହା ପଛରେ କ'ଣ କାରଣ ରହିଛି ତାହା ଜନସାଧାରଣ ଏବଂ ଜଗନ୍ନାଥପ୍ରେମୀ ଜାଣିବା ଦରକାର। ସେହିପରି ରତ୍ନଭଣ୍ଡାର ଅସୁରକ୍ଷିତ ହୋଇପଡିଛି ଓ ବିଭିନ୍ନ ସ୍ଥାନରୁ ପାଣି ଗଳୁଛି ବୋଲି କୁହାଯାଇଥିଲା। ତେଣୁ ଏହା ଖୋଲାଯାଇ ମରାମତିର ଆବଶ୍ୟକତା ରହିଛି। ତେଣୁ ତୁରନ୍ତ ରତ୍ନଭଣ୍ଡାର ଖୋଲାଯିବା ଦରକାର ବୋଲି ଆବାହକ ପଟ୍ଟନାୟକ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ନିୟନ୍ତ୍ରଣ ବାହାରେ ରସୁଲଗଡ଼-କଳ୍ପନା ଟ୍ରାଫିକ ସମସ୍ୟା

# ଦୁର୍ଦ୍ଦଶା ବଢ଼ାଉଛି ବମିଖାଲ ଓଭରବ୍ରିଜ୍

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ରାଜଧାନୀରେ ବଢୁଥିବା ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଓଭରବ୍ରିଜ ନିର୍ମାଣ କରାଯାଉଥିବା ବେଳେ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଉଛି। ରସୁଲଗଡ଼-କଳ୍ପନା ଛକ କଟକ ରୋଡରେ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ଓଭରବ୍ରିଜ ନିର୍ମାଣ ହୋଇଛି। ମାତ୍ର ଏହାର ନିର୍ମାଣ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଠିକାଦାରଙ୍କଠାରୁ ଆରମ୍ଭକରି ଯନ୍ତ୍ରୀଙ୍କ ଅବହେଳା ଦେଖିବାକୁ ମିଳୁଥିବା ବେଳେ ଏବେ ଟ୍ରାଫିକ ପୋଲିସର ଅବହେଳା ଚିନ୍ତା ବଢାଇ ଦେଇଛି। ପ୍ରତିଦିନ ଏହି ରାସ୍ତାରେ ଘଣ୍ଟାଘଣ୍ଟା ଧରି ଟ୍ରାଫିକ ଜାମ ହେଉଛି। ଏହାଛଡ଼ା ପଥଚାରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ରବିବାର ରାତିରେ ଏକ ସ୍କୁଟି ରସୁଲଗଡ ଛକରୁ ବମିଖାଲ ଓଭର ବ୍ରିଜ ଉପରକୁ ନିୟମ ଭାଙ୍ଗି ବିପରୀତ ଦିଗରେ ଯାଉଥିବା ବେଳେ ଏକ କାର ସହ ଧକ୍କା ହୋଇଥିଲା। ସ୍କୁଟିରେ ଥିବା ଦୁଇଜଣ ଆହତ ହୋଇଥିବା ବେଳେ କାର୍‌ଟି ଅଚଳ ହୋଇପଡିବାରୁ ପୋଲିସ କ୍ରେନ ସାହାଯ୍ୟରେ ରାସ୍ତାରୁ ଟେକି ନେଇଥିଲା। ଅପରପକ୍ଷରେ ରସୁଲଗଡ ଛକରୁ ବମିଖାଲ ଓଭର ବ୍ରିଜ ଏବଂ ଏସ୍‌ପ୍ଲାନେଡକୁ ଯିବା ନେଇ କେତେଜଣ ନିୟମ ଉଲ୍ଲଂଘନକାରୀ ଟ୍ରାଫିକ ନିୟମକୁ ଫୁ କରି ସାଧାରଣ ଲୋକଙ୍କୁ ସମସ୍ୟାରେ ପକାଉଛନ୍ତି। ଏସ୍‌ପ୍ଲାନେଡ କଡରେ ବେଆଇନ ଅଟୋ ପାର୍କିଂ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ମାତ୍ର ଟ୍ରାଫିକ ପୋଲିସ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସେତେ ତତ୍ପର ଥିବା ଭଳି ଜଣାପଡୁନାହିଁ। ଟ୍ରାଫିକ ପୋଲିସର



ଏସ୍‌ପ୍ଲାନେଡ୍ ନିକଟରୁ ରସୁଲଗଡ଼ ମଧ୍ୟରେ ହୋଇଥିବା ଟ୍ରାଫିକ ଜାମ୍।



ବିପରୀତ ଦିଗରେ ଗାଡ଼ିଚାଳନା ଯୋଗୁ ବମିଖାଲ ଓଭରବ୍ରିଜ୍ ଉପରେ ଘଟିଥିବା ଦୁର୍ଘଟଣା।

ଏପରି ଅବହେଳାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି।

ଏ ନେଇ ସ୍ଥାନୀୟ ବାସିନ୍ଦା ଟୁଲିଆ ସାମନ୍ତରାୟ କୁହନ୍ତି, ପ୍ରତିଦିନ ସନ୍ଧ୍ୟାରେ ଉକ୍ତ ରାସ୍ତାରେ ଯିବା ଆସିବା କରିବା କାଠିକର ପାଠ ହେଉଛି। ଏସ୍‌ପ୍ଲାନେଡକୁ ଆସୁଥିବା ଲୋକମାନେ ନିୟମ କାନୁନକୁ ତିଳେ ମାତ୍ର ଖାତିର କରୁ ନ ଥିବା ବେଳେ ଟ୍ରାଫିକ ପୋଲିସ ମୁତୟନ ନ ହେବା ସମସ୍ୟାକୁ ଆହୁରି ବଢ଼ାଇ ଦେଉଛି। ବମିଖାଲ ଓଭରବ୍ରିଜ ଉପରେ ନିୟମ ଉଲ୍ଲଂଘନ କରି ଯାଉଥିବା ବ୍ୟକ୍ତିଙ୍କଠାରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ।

ଏ ନେଇ ଆଇନଜୀବୀ ବିଜନବିହାରୀ କର କୁହନ୍ତି, ବିପରୀତ ଦିଗରେ ଗାଡି ଚଳାଇଲେ ଚାଳକଙ୍କୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଜରିମାନା ହେବାର ନିୟମ ରହିଛି। ଜରିମାନା ଆଦାୟ ହେଲେ ନିୟମ ଭଙ୍ଗକାରୀ ସତର୍କ ହୋଇପାରିବେ। ଫଳରେ ସମସ୍ୟା କେତେମାତ୍ରାରେ ସମାଧାନ ହୋଇପାରିବ। କିନ୍ତୁ ଏସବୁ ପ୍ରତି ଟ୍ରାଫିକ ପୋଲିସ ଧ୍ୟାନ ଦେଉନାହିଁ। ଯାହା ଦ୍ୱାରା ବମିଖାଲ ଓଭରବ୍ରିଜଠାରୁ ଆରମ୍ଭ କରି ରସୁଲଗଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦିନକୁ ଦିନ ଅଧିକ ଜଟିଳ ହେଉଛି।

ସୋମବାର ସନ୍ଧ୍ୟାରେ ଟ୍ରାଫିକ ଡିସିପି ବିଜୟ କୁମାର ସାହୁ, ଟ୍ରାଫିକ ଥାନା ଅଧିକାରୀ ପ୍ରମୋଦ କୁମାର ପଟ୍ଟନାୟକ, ଟ୍ରାଫିକ ଏସିପି ପ୍ରମୋଦ କୁମାର ପଟ୍ଟନାୟକ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।

### ହଟୁନି ବେଆଇନ ଅଟୋ ପାର୍କିଂ

#### ଏସ୍‌ପ୍ଲାନେଡ ନିକଟରେ ହେବ ଟ୍ରାଫିକ ପୋଷ୍ଟ, ଲାଗିବ ହାଇମାଷ୍ଟ ଲାଇଟ

ଏହାପରେ ସେଠାରେ ଟ୍ରାଫିକ ପୋଲିସ ମୁତୟନ କରିଥିଲେ। ଟ୍ରାଫିକ ଏସିପି ଏବଂ ଅନ୍ୟ ଅଧିକାରୀଙ୍କ ଉପସ୍ଥିତି ସମୟରେ ବିପରୀତ ଦିଗରେ ଗାଡି ଚାଳନା କରୁଥିବା ୧୦ରୁ ଊର୍ଦ୍ଧ୍ୱ ବାଇକ୍ ଚାଳକଙ୍କୁ ଧରି ଟ୍ରାଫିକ ଥାନାକୁ ପଠାଇ ଦେଇଥିଲେ। ଡିସିପି ସାହୁ କହିଛନ୍ତି, ମଙ୍ଗଳବାରଠାରୁ ଉକ୍ତ ଛକରେ ଟ୍ରାଫିକ ଏନଫୋର୍ସମେଣ୍ଟ ଟିମ ଡ୍ୟୁଟି କରିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଜରିମାନା ଆଦାୟ କରାଯିବ। ଏଥିସହ ଖୁବ୍‌ଶୀଘ୍ର ଏସ୍‌ପ୍ଲାନେଡ ନିକଟରେ ଏକ ନୂତନ ଟ୍ରାଫିକ ପୋଷ୍ଟ ସହ ହାଇମାଷ୍ଟ ଲାଇଟ ବ୍ୟବସ୍ଥା କରାଯିବ। ବେଆଇନ ଅଟୋ ପାର୍କିଂକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଡିସିପି ସାହୁ କହିଛନ୍ତି।

ଏ ସମ୍ପର୍କରେ ଭୁବନେଶ୍ୱର ଡିସିପି ଅନୁପ ସାହୁ କହିଛନ୍ତି, ବମିଖାଲ ଓଭରବ୍ରିଜ ମୁଖ୍ୟ ରାସ୍ତାରେ ମିଶିବା ସ୍ଥାନରେ ଅନେକ ତ୍ରୁଟି ପରିଲକ୍ଷିତ ହେଉଛି। ଯାହାଦ୍ୱାର ଦୁର୍ଘଟଣା ଘଟୁଛି। ଏ ନେଇ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଛି। ସେହିପରି ମଲ୍ ସମ୍ମୁଖରେ ଅଟୋ ପାର୍କିଂକୁ ହଟାଇବାକୁ ଏବଂ ଟ୍ରାଫିକ ନିୟମକୁ କଡାକଡି ପାଳନ କରିବାକୁ ବିଶେଷ ଧ୍ୟାନ ଦିଆଯିବ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଦୀପକ



କୀର୍ତ୍ତି



ଦୁର୍ଗାପ୍ରସାଦ



ଦିବ୍ୟା



ଅନିଲ



ଉମାକାନ୍ତ



ଲକି



ସିଦ୍ଧାନ୍ତ



ଲିଟୁ



ପ୍ରିୟାଂଶୁ

## 'ସ୍ମିତା ଏକ୍ସପ୍ରେଶନ୍' ଉଦ୍‌ଘାଟିତ

# ଚିତ୍ର ମନର ଭାବନା

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ଚିନ୍ତା ଓ ଚେତନା ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତକଳା ଏକାଡେମୀର ମିଳିତ ସହଯୋଗରେ ସୋମବାର ସୂଚନା ଭବନଠାରେ ଏକକ ଚିତ୍ରକଳା ପ୍ରଦର୍ଶନୀ 'ସ୍ମିତା ଏକ୍ସପ୍ରେଶନ୍' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଚିତ୍ରଶିଳ୍ପୀ ସ୍ମିତା ଦାସଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିଛନ୍ତି। ଚିତ୍ର ହେଉଛି ମନର ଭାବନା। ଯେତେବେଳେ କୌଣସି ଚିତ୍ର ଧ୍ୟାନରେ ରଖି ପ୍ରସ୍ତୁତ କରାଯାଏ ସେତେବେଳେ ତାହା କେବଳ ଏକ ଚିତ୍ର ହୋଇ ରହି ନ ଥାଏ, ବରଂ ସେହି ଚିତ୍ର କଥା କହେ। ସ୍ମିତାଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଟି ଚିତ୍ରରେ ଏଭଳି ଭାବାବେଗ ଦେଖିବାକୁ ମିଳିଛି ବୋଲି ରାଜ୍ୟପାଳ କହିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ସ୍ମିତାଙ୍କ ଚିତ୍ରକଳାକୁ ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ସ୍ଥାନ ପାଇଥିବା ୨୪ଟି ଚିତ୍ରରେ ଲୋକଙ୍କ ଚିନ୍ତାଧାରା, ପ୍ରକୃତି ଓ ମଣିଷର କାହାଣୀ ପ୍ରତିଫଳିତ ହୋଇଛି।



ସୂଚନା ଭବନଠାରେ ଆୟୋଜିତ ଏକକ ଚିତ୍ରକଳା ପ୍ରଦର୍ଶନୀରେ ଚିତ୍ରଶିଳ୍ପୀ ସ୍ମିତା ଦାସ ଓ ଅନ୍ୟମାନେ।



# ରିଲିଜ୍ ହେଲା 'ବିଜୁ ବାବୁ'ର ଟ୍ରେଲର

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଉପରେ ନିର୍ମିତ ଓଡ଼ିଆ ଫିଚର୍ ଫିଲ୍ମ 'ବିଜୁ ବାବୁ'ର ଟ୍ରେଲର ଏବଂ ମ୍ୟୁଜିକ୍ ସୋମବାର ସ୍ଥାନୀୟ ମହାରାଜା ଥିଏଟର ପରିସରରେ ରିଲିଜ ହୋଇଯାଇଛି। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତା ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ଉତ୍କଳ ଦିବସ ପୂର୍ବରୁ ମାର୍ଚ୍ଚ ୨୯ରେ ରିଲିଜ୍ ହେବ। ଫିଲ୍ମରେ ବିଜୁ ପଟ୍ଟନାୟକ ଭୂମିକାରେ ଅନୁଭବ ମହାନ୍ତି ଅଭିନୟ କରିଥିବା ବେଳେ ମୁଖ୍ୟ ନାୟିକା ଭାବେ ସୁପ୍ରିୟା ନାୟକ ଅଭିନୟ କରିଛନ୍ତି। ଏହି ଫିଲ୍ମ ନୀଳମାଧବ ପଣ୍ଡାଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଫିଚର ଫିଲ୍ମ। ଇଣ୍ଡୋନେସିଆରେ ସମ୍ମାନଜନକ 'ଭୂମି ପୁତ୍ର' ସମ୍ମାନରେ ସମ୍ମାନିତ ହୋଇଥିବା ବିଜୁ ବାବୁଙ୍କ ଏହି ଫିଲ୍ମକୁ ସେ ଅନ୍ତର୍ଜାତୀୟ ସ୍ତରକୁ ନେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। 'ବିଜୁ ବାବୁ' ନାମରେ ନାମିତ ଏହି ଫିଲ୍ମରେ ତାଙ୍କର ଦର୍ଶନ ପ୍ରତିଫଳିତ ହୋଇଥିବା ବେଳେ ଏହି ଭିନ୍ନ ସ୍ୱାଦର ଓଡ଼ିଆ ଫିଲ୍ମ ସବୁ ବୟସର ଦର୍ଶକଙ୍କୁ ଆକର୍ଷିତ କରିପାରିବ ବୋଲି ସେ କହିଛନ୍ତି। ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ପ୍ରେମ ଆନନ୍ଦ ଦେଇଥିବା ବେଳେ ଏଥିରେ ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଦୀପ୍ତିରେଖାଙ୍କ ଭଳି କଣ୍ଠଶିଳ୍ପୀମାନେ କଣ୍ଠଦାନ କରିଛନ୍ତି। ବ୍ୟବସାୟିକ ଦୃଷ୍ଟିକୋଣରୁ ପ୍ରସ୍ତୁତ ଏହି ଫିଲ୍ମରେ ୪ଟି ଗୀତ ସହ ଅନେକ ଡ୍ରାମା, ଆକ୍ସନ, ରୋମାନ୍ସ ଏବଂ କମେଡି ରହିଛି। ଏହା ବିଜୁ ପଟ୍ଟନାୟକଙ୍କର ଆତ୍ମକାହାଣୀ ନୁହେଁ ବୋଲି ନିର୍ମାତାଙ୍କ ପକ୍ଷରୁ କୁହାଯାଇଥିବା ବେଳେ ଏଥିରେ ଏହି ମହାନ ନେତାଙ୍କର ବିଚାରଧାରା ଏବଂ ବ୍ୟକ୍ତିତ୍ୱର ପ୍ରତିଫଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଚଳଚ୍ଚିତ୍ର ଓଡ଼ିଶାର ଯୁବବର୍ଗଙ୍କୁ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ସୁଯୋଗ ଆଣିଦେବ ବୋଲି ଅଭିନେତା ଅନୁଭବ ମହାନ୍ତି କହିଛନ୍ତି।



## ତୁମ୍ବ ପାଇଁ ପହଞ୍ଚିଲା

# ଫାଶିକାଠ

**ପୁରୀ ଅଫିସ, ୧୮।୩:** ଆସନ୍ତା ଜୁଲାଇ ୪ତାରିଖରେ ମହାପ୍ରଭୁଙ୍କ ଘୋଷଯାତ୍ରା। ତିନିଠାକୁରଙ୍କ ରଥ ନିର୍ମାଣ ଲାଗି ଚତୁର୍ଥ ପର୍ଯ୍ୟାୟ ରଥକାଠ ସୋମବାର ପୁରୀରେ ପହଞ୍ଚିଛି। ନୟାଗଡ଼ ବନଖଣ୍ଡ ଦଶପଲ୍ଲା ବନାଞ୍ଚଳରୁ ଗୋଟିଏ ଟ୍ରକ୍ ଯୋଗେ ୧୦ ଖଣ୍ଡ କାଠ ଆସିଛି। ଏଥିରେ ୯ ଖଣ୍ଡ ଫାଶି କାଠ ରହିଥିବା ବେଳେ ଗୋଟିଏ ଶିମିଳି ରହିଛି। ଏହି ଫାଶିକାଠରେ ଚକର ତୁମ୍ବ ତିଆରି କରାଯିବ। ତେଣୁ ବିଭିନ୍ନ ଲମ୍ବ ବିଶିଷ୍ଟ ଫାଶି କାଠ ଆସିଛି।

# ନିୟୋଜିତ ହେବେ ୬୦୦ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ

### ରଥଯାତ୍ରା ପ୍ରସ୍ତୁତି ବୈଠକ

ପୁରୀ ଅଫିସ, ୧୮।୩

ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସୋମବାର ରଥଯାତ୍ରାର ପ୍ରାଥମିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଆନୁଷଙ୍ଗିକ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ରଥକାଠ, ରଥ ନିର୍ମାଣ, କାଠ କେଉଁଠୁ ଆସୁଛି, କେତେଖଣ୍ଡ କାଠ ଆସିଲାଣି ତାହା ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ କହିଥିଲେ। ଏଥିସହ ରଥ ଦଉଡ଼ି ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ରଥ ନିର୍ମାଣ କାର୍ଯ୍ୟ ତଦାରଖ କରାଯିବ। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଠିକ୍ ରଖିବା ପାଇଁ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ପ୍ରାୟ ୬୦୦ ଡାକ୍ତର ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ତତ୍‌ସହିତ ଆଶୁ ଚିକିତ୍ସା କେନ୍ଦ୍ର, ଡାକ୍ତର ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା ହେବ ବୋଲି ସିଡିଏମ୍‌ଓ ଡା. ରାମଚନ୍ଦ୍ର ରାଉତ କହିଥିଲେ। ରଥଯାତ୍ରା ପୂର୍ବରୁ ସହରକୁ ପରିଷ୍କାର, ପରିଚ୍ଛନ୍ନ ରଖାଯିବା ସହିତ ପରିମଳ ବ୍ୟବସ୍ଥା ଉନ୍ନତି କରାଯିବ। ମୁଖ୍ୟ ନାଳ ଏବଂ ସହର ମଧ୍ୟରେ ଥିବା ନାଳ, ନର୍ଦ୍ଦମା ସଫା କରାଯିବ। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସମେତ ବଡ଼ଦାଣ୍ଡକୁ ସଫା ରଖାଯିବ। ରଥଯାତ୍ରା ସମୟରେ ଲୋକମାନଙ୍କର ସୁବିଧା ପାଇଁ ପାନୀୟଜଳ ଯୋଗାଣ ସୁବିଧା କରାଯିବ। ରଥଯାତ୍ରା ସମୟରେ ଆବଶ୍ୟକ ବିଦ୍ୟୁତ୍ ଯୋଗାଣ ଏବଂ ବିଭିନ୍ନ ସ୍ଥାନରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସମ୍ପର୍କରେ ସେସୁ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ଯାତ୍ରୀ ପରିବହନ ବ୍ୟବସ୍ଥା ଏବଂ ଆବଶ୍ୟକ ବସ୍ ଚଳାଚଳ ପାଇଁ ସୁବିଧା କରାଯିବ। ରଥଯାତ୍ରା ସମୟରେ ଯାତ୍ରୀଙ୍କ ସୁବିଧା ଲାଗି ରେଳ ବିଭାଗ ପକ୍ଷରୁ ଅଧିକ ଟ୍ରେନ୍ ଯାତାୟାତ କରାଯିବା ବ୍ୟବସ୍ଥା ସହିତ ୩୦ଟି ଅଧିକ ଟିକେଟ ବୁକିଂ କାଉଣ୍ଟର ଖୋଲାଯିବା ଲାଗି ଆଲୋଚନା ହୋଇଥିଲା। ଟ୍ରେନ୍ ଚଳାଚଳ ସମୟ ଯେପରି ଯାତ୍ରୀମାନେ ସୁବିଧାରେ ଜାଣିପାରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ରଥଯାତ୍ରା ପୂର୍ବରୁ ସହର ମଧ୍ୟରେ ଥିବା ରାସ୍ତାଗୁଡ଼ିକୁ ପୂର୍ତ୍ତ ବିଭାଗ ତରଫରୁ ଆବଶ୍ୟକ ମରାମତି ଓ ନିର୍ମାଣ ହେବ। ଜାତୀୟ ରାଜପଥ ବିଭାଗ ସିଂହଦ୍ୱାରରୁ ଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ କରିବ। ପୁରୀ ପୌରସଂସ୍ଥା ପକ୍ଷରୁ ସହର ଏବଂ ସହର ବାହାରେ ବିଭିନ୍ନ ସ୍ଥାନରେ ଗାଡି ପାର୍କିଂ ବ୍ୟବସ୍ଥା ହେବ। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବ୍ୟବସ୍ଥା ଠିକ୍ ଭାବେ କରାଯିବ। ବିଏସ୍‌ଏନଏଲ୍ ତରଫରୁ ଟେଲିଫୋନ ସେବା ଓ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି କରାଯିବ। ରଥଯାତ୍ରା ସମୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ୧୧ଟି ସୂଚନା କେନ୍ଦ୍ର ଖୋଲାଯିବ ଏବଂ ରଥଯାତ୍ରାର ସିଧା ପ୍ରସାରଣ ହେବାର ବ୍ୟବସ୍ଥା କରାଯିବା ଲାଗି ଆଲୋଚନା ହୋଇଥିଲା। ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କର୍ଯ୍ୟକ୍ରମ ଏବଂ ଓରମାସ ତରଫରୁ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ରଥଯାତ୍ରା ନିମନ୍ତେ ବିଭିନ୍ନ ବିଭାଗ ତରଫରୁ ଆନୁଷଙ୍ଗିକ ବ୍ୟବସ୍ଥା ଶୀଘ୍ର କରିବାକୁ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ହରିଶ ଚନ୍ଦ୍ର ନାୟକ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରିୟବ୍ରତ ସାମନ୍ତରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ଥିଲେ।

# ୩୦ରେ ରାଜ୍ୟର ସମସ୍ତ ବାର୍‌ରେ ନିର୍ବାଚନ

## ଆଇନଜୀବୀ ପରିଷଦର ବିଜ୍ଞପ୍ତି ହାଇକୋର୍ଟରେ ରଦ୍ଦ

**କଟକ ଅଫିସ, ୧୮।୩**

ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ନୁହେଁ ବରଂ ଗୋଟିଏ ଦିନ ଓ ଗୋଟିଏ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ତଦନୁଯାୟୀ ଆସନ୍ତା ୩୦ ତାରିଖରେ ରାଜ୍ୟର ସମସ୍ତ ବାର୍‌ରେ ଭୋଟଗ୍ରହଣ କରାଯିବ। ୱାନ ବାର୍, ୱାନ ଭୋଟ ସମ୍ପର୍କିତ ମାମଲା ଉପରେ ହାଇକୋର୍ଟ ସୋମବାର ଏହି ରାୟ ଦେଇଛନ୍ତି। ଏଥିସହିତ ଗତ ଫେବୃୟାରୀ ୨୪ ତାରିଖରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ସୂଚନାଥାଉ କି, ରାଜ୍ୟର ସମସ୍ତ ବାର୍‌ରେ ଗୋଟିଏ ଦିନରେ ନିର୍ବାଚନ 'ୱାନ ବାର୍ ୱାନ ଭୋଟ' ବ୍ୟବସ୍ଥା କରିବା ପାଇଁ ଶିବନାରାୟଣ ବିଶ୍ୱାଳ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ଆଇନଜୀବୀ ପରିଷଦକୁ ଜବାବ ଦାଖଲ ନିମନ୍ତେ ନୋଟିସ କରିଥିଲେ। ପରିଷଦ ପକ୍ଷରୁ ଏ ନେଇ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଗୋଟିଏ ଦିନରେ ରାଜ୍ୟର ସମସ୍ତ ବାର୍‌ରେ ମତଦାନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅନୁଯାୟୀ ଆସନ୍ତା ୩୦ ତାରିଖରେ ରାଜ୍ୟର ସମସ୍ତ ବାର୍‌ରେ ନିର୍ବାଚନ କରାଯିବ ବୋଲି ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ମାତ୍ର ଅନେକ ବାର୍‌ରେ ନିର୍ବାଚନ ଅନୁଷ୍ଠିତ ହୋଇସାରିଥିଲା। ଏପରି କି ମାର୍ଚ୍ଚ ୩୦ ବେଳକୁ ଅନେକ ବାର୍‌ରେ ହୋଇଥିବା ନିର୍ବାଚନକୁ ୬ ମାସ ମଧ୍ୟ ପୂରୁ ନ ଥିଲା। ସେହିପରି କେତେକ ବାର୍‌ରେ ଦୁଇବର୍ଷରେ ଥରେ ନିର୍ବାଚନ ଅନୁଷ୍ଠିତ ହେଉଥିଲା। ତେଣୁ ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ, ମାର୍ଚ୍ଚ ୩୦ ସୁଦ୍ଧା ଯେଉଁ ବାର୍‌ଗୁଡ଼ିକରେ ନିର୍ବାଚନକୁ ୬ ମାସ ପୂରିଥିବ ସେଠାରେ ସାନି ନିର୍ବାଚନ କରାଯିବ। ଅନ୍ୟପକ୍ଷରେ ଯେଉଁଠି ଦୁଇବର୍ଷରେ ଥରେ ନିର୍ବାଚନ ହୁଏ ସେହି ବାର୍‌ଗୁଡ଼ିକର ନିର୍ବାଚନକୁ ଯଦି ମାର୍ଚ୍ଚ ୩୦ ସୁଦ୍ଧା ଏକ ବର୍ଷ ପୂରୁଥିବ ତେବେ ସେଠାରେ ମଧ୍ୟ ଭୋଟଗ୍ରହଣ କରାଯିବ। ଯଦି ୬ ମାସ କିମ୍ବା ୧ ବର୍ଷ ପୂରୁ ନ ଥିବ ତେବେ ଉକ୍ତ ବାର୍‌ଗୁଡ଼ିକରେ ମାର୍ଚ୍ଚ ୩୦ ବଦଳରେ ଆଉ ଏକ ଦିନ ନିର୍ବାଚନ ପାଇଁ ଧାର୍ଯ୍ୟ କରାଯିବ। ରାଜ୍ୟ ଆଇନଜୀବୀ ପରିଷଦର ଏଭଳି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କଟକ ବାର୍ ଆସୋସିଏଶନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆବେଦନକାରୀ ଶିବ ନାରାୟଣ ବିଶ୍ୱାଳଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଥିଲେ।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେତେବେଳେ ଅସୁବିଧା ଆସେ, ମନକୁ ସ୍ଥିର ରଖିବା ଉଚିତ।

- ଲେନିନ୍



## ସଂକ୍ଷେପରେ

### ଦେଶୀ,ବିଦେଶୀ ମଦ ଜବତ: ୩ ଗିରଫ

**ନରସିଂହପୁର, ୧୮।୩(ଡି.ଏନ୍.ଏ.):** ନରସିଂହପୁର ପୋଲିସ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ଟାଉନ୍‌ର ବିଭିନ୍ନ ଢାବାରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ନରସିଂହପୁର ବଜାର ନିକଟସ୍ଥ ତାରେଣୀ ଢାବାରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୯ ଲିଟର ୮୨୫ ମିଲିଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ଥିବା ଅଭିଯୋଗରେ ଅନୁଗୁଳ ଜିଲା ପୁରୁଣାକୋଟ ଥାନା ଟୁଲୁକା ଅଞ୍ଚଳର ଅଜୟ ଦଳେଇ(୨୬)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଛି । ସେହିପରି ପଞ୍ଚମୁହଁ ଛକ ନିକଟ ତ୍ରିଶକ୍ତି ଢାବାରେ ଚଢାଉ କରାଯାଇ ୧୮୦ ମିଲିଲିଟର ବିଦେଶୀ ମଦ ଜବତ କରାଯାଇଛି । ଏହି ଅଭିଯୋଗରେ ନୂଆପାଟଣା ଗ୍ରାମର କୈଳାଶ ଶାସମଲ(୨୮)ଙ୍କୁ ପୋଲିସ ଗିରଫ କରିଛି। ସେହିପରି ଯୋଡ଼ମୁଁ ଫାଣ୍ଡି ଅଧୀନରେ ପୁରୁଣା ଚକାମୁଣ୍ଡା ଗ୍ରାମର ମାଟିଆ ସେଠୀ (୬୦)ଙ୍କ ନିକଟରୁ ୫ ଲିଟର ଦେଶୀ ମଦ ଜବତ କରାଯାଇଛି । ଏନେଇ ନରସିଂହପୁର ଥାନାରେ ଯଥାକ୍ରମେ ମାମଲା (ନଂ.୩୧/୧୯, ୩୨/୧୯ ଓ ୩୩/୧୯) ରୁଜୁ କରାଯାଇଛି ।

### ଯୁକ୍ତ୨ ଶେଷବର୍ଷ ଛାତ୍ରଙ୍କ ବିଦାୟକାଳୀନ ଉତ୍ସବ



**ବାଙ୍କୀ,୧୮।୩(ସ୍ୱ.ପ୍ର.):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାନକୀବଲ୍ଲଭ ଛାତ୍ରାବାସରେ ଯୁକ୍ତ୨ ଶେଷବର୍ଷର ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଉପାଧକ୍ଷ ସଦାନନ୍ଦ ବାରିକ ଯୋଗଦେଇ ଛାତ୍ରମାନେ ଏ ଦେଶର ଭବିଷ୍ୟତ, ସେମାନେ ଭଲ ପାଠପଢ଼ି ମହାବିଦ୍ୟାଳୟର ସୁନାମ ରଖିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ପ୍ରାଧାପକ ମନୋରଞ୍ଜନ ସାହୁ, ରଞ୍ଜିତ କୁମାର ରାଉତ, ଭୂପତି ଭୂଷଣ ପ୍ରଧାନ ଓ ନଳିନୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରାବାସର ତତ୍ତ୍ୱାବଧାରକ ଡଃ.ଶ୍ରୀକାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସହତତ୍ତ୍ୱାବଧାରକ ସୁରଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜୟୀପୁରରେ କଂଗ୍ରେସ ସମାବେଶ

**ଲଳିତଗିରି,୧୮।୩(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ୩୯ନଂ ଜୋନ୍ ଅନ୍ତର୍ଗତ କୁଣ୍ଡି ପଞ୍ଚାୟତର ଜୟୀପୁରଠାରେ ରବିବାର କଂଗ୍ରେସ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ମୁଖ୍ୟ ଅତିଥିଭାବେ କଟକ ଜିଲା କଂଗ୍ରେସ ସଭାପତି ଗୁରୁପଦ ନନ୍ଦ ଯୋଗଦେଇ ରାଜ୍ୟବାସୀ ବିଶେଷ କରି ମାହାଙ୍ଗାର ଲୋକେ ଏବେ ପରିବର୍ତ୍ତନ ଚାହୁଁଛନ୍ତି ବୋଲି କହିଥିଲେ। କଂଗ୍ରେସ ସରକାର କ୍ଷମତାକୁ ଆସିଲେ କୃଷି ଋଣ ଛାଡ ସମେତ ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ରାଜ୍ୟ କଂଗ୍ରେସ ମିଡିଆ ସେଲର ଅଧକ୍ଷ ସତ୍ୟପ୍ରକାଶ ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ କଟକ ନଗର କଂଗ୍ରେସ ସଭାପତି ଇଂ ମହମ୍ମଦ ମୋକିମ, ଆଇନଜୀବୀ ଧରଣୀଧର ନାୟକ, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜ୍ଞାନେନ୍ଦ୍ର ବେଉରିଆ, କଟକ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୁଷ୍ପାସାମଲ ଓ ଆଇନଜୀବୀ ପ୍ରଦୀପ୍ତ ଭୂୟାଁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜନବିରୋଧି କାର୍ଯ୍ୟକୁ ସମାଲୋଚନା କରିଥିଲେ। ଗଫାର ଅଲ୍ଲୀବେଗ, ସେକ ରଜୀଭର ରହେମାନ, ସମରେନ୍ଦ୍ର ମହାନ୍ତି, ଅକ୍ଷୟ ପତି, ଶଶିଭୁଷଣ ମହାନ୍ତି ଓ ସୁରେଶ ଦାସ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କଂଗ୍ରେସ ନେତା ରଘୁନାଥ ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ।

■ ଘରୋଇ ଜମିରେ ସରକାରୀ ରାସ୍ତା ନିର୍ମାଣକୁ ବିରୋଧ

# ଆରଡ଼ି କାର୍ଯ୍ୟାଳୟ ଆଗରେ ଜମି ମାଲିକଙ୍କ ଧାରଣା

**ନିଶ୍ଚିନ୍ତକୋଇଲି,୧୮।୩(ସ୍ୱ.ପ୍ର.)**

ଘରୋଇ ଜମିରେ ସରକାରୀ ରାସ୍ତା ନିର୍ମାଣକୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ବଡକ୍ଷୀର ପଞ୍ଚାୟତରେ ସୋମବାର ଉତ୍ତେଜନା ସୃଷ୍ଟି ହୋଇଛି। ବ୍ୟକ୍ତିଗତ ଦଖଲରେ ଥିବା କିଛି ଜମି ଉପରେ ସମ୍ପୃକ୍ତ ଠିକାଦାର ସ୍ଥାନୀୟ କିଛି ମୁଷ୍ଟିମେୟଙ୍କ ସହାୟତାରେ ଜବରଦସ୍ତଭାବେ ରାସ୍ତା ନିର୍ମାଣ କରୁଥିଲେ। ଏନେଇ ଜମି ମାଲିକମାନେ କାମ ବନ୍ଦ ପାଇଁ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଥାନାରେ ଅଭିଯୋଗ କରିଥିଲେ। ତେବେ କାମ ବନ୍ଦ ନହେବାରୁ ସୋମବାର ସମ୍ପୃକ୍ତ ଜମି ମାଲିକମାନେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ଆରଡ଼ି) ସମ୍ମୁଖରେ ଧାରଣା ଦେଇଥିଲେ । ଖବରପାଇ ବିଭାଗୀୟ ଯନ୍ତ୍ରୀ ଶୁଭେନ୍ଦୁ କୁମାର ଜେନା ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ରାସ୍ତାକାମ ବନ୍ଦ ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କଟକ-ଚାନ୍ଦବାଲି ରାସ୍ତାରୁ ଗୋପପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ପ୍ୟାକେଜ ନଂ୨୫୮ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପରେ ୩ କିମି ରାସ୍ତା ପାଇଁ ୧କୋଟି ୮୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ ଏହି ରାସ୍ତା ମଧ୍ୟରେ କିଛି ଜଣଙ୍କ ବ୍ୟକ୍ତିଗତ ଜମି ଆସୁଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଏନେଇ ଘରୋଇ ଜମିଗୁଡିକ ଅଧିଗ୍ରହଣ କରାଯାଇ ନ ଥିବା ବେଳେ, ଜମି ମାଲିକମାନଙ୍କୁ କ୍ଷତିପୂରଣ ଦିଆଯାଇ ନ ଥିଲା। ଏପରିକି ସମ୍ପୃକ୍ତ ଠିକାଦାର କୌଣସି ସୂଚନା ନଦେଇ ଉକ୍ତ ଜମିରେ ରାସ୍ତା କାମର ଆରମ୍ଭ କରିଦେଇଥିଲେ। ଫଳରେ ବିବାଦର ସୂତ୍ରପାତ ହୋଇଥିଲା। ସମ୍ପୃକ୍ତ ଠିକାଦାର କିଛି ମୁଷ୍ଟିମେୟଙ୍କ ସହଯୋଗରେ ଏହି ଜମି ମାଲିକମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯାଇଥିଲା। ଏଥିସହ ଜମି ମାଲିକମାନେ କଟକ ଜିଲାପାଳ, ନିଶ୍ଚିନ୍ତକୋଇଲି ତହସିଲଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ମାତ୍ର ରାସ୍ତା କାମ ବନ୍ଦ ନହେବାରୁ ଗ୍ରାମର ବଳରାମ ସାହୁଙ୍କ ନେତୃତ୍ୱରେ ନିତାଇଗୌର ସାହୁ, ଅଚ୍ୟୁତାନନ୍ଦ ସାହୁ, ଗୋପୀନାଥ ମହାରଣା, ପ୍ରତାପ କୁମାର ସିଂ,ରଞ୍ଜୁ ପଣ୍ଡା, ପ୍ରେମଲତା ପଣ୍ଡା ଓ ଗୋବିନ୍ଦ ପଣ୍ଡାଙ୍କ ସମେତ ବହୁ ଜମି ମାଲିକ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।




ଜମି ମାଲିକମାନେ ଧାରଣାରେ ବସିଛନ୍ତି।

■ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା କାମ ହେଉଥିଲା

■ସୂଚନା ଦିଆନଯାଇ ଆରମ୍ଭ ହୋଇଥିଲା ରାସ୍ତା କାମ

■ଅଭିଯୋଗ ସତ୍ତ୍ୱେ ବନ୍ଦ ହେଉ ନ ଥିଲା କାମ



ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।

ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା

# ପୋଡ଼ିଗଲା ଚିକିତ୍ସା ଟଙ୍କା

**ବାଙ୍କୀ,୧୮।୩(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ଡମପଡ଼ା ବ୍ଲକ ଅଧୀନ ଦୋଲଣାପୁର ଗ୍ରାମରେ ସୋମବାର ଅପରାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ୮ ବଖରା ଜଳିଯାଇଛି। ଏଥିରେ ୩ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନେ ହେଲେ ଅକ୍ଷୟ କୁମାର ସାହୁ, ଅଜୟ କୁମାର ସାହୁ ଓ ସଞ୍ଜୟ କୁମାର ସାହୁ। ଅଗ୍ନିକାଣ୍ଡରେ ସେମାନଙ୍କ ସମସ୍ତ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଓ ଜରୁରୀ କାଗଜପତ୍ର ସବୁ ଜଳିପୋଡି ନଷ୍ଟ ହୋଇଯାଇଛି। ଏଥିରେ ଅକ୍ଷୟଙ୍କ ଚିକିତ୍ସା ପାଇଁ ରଖାଯାଇଥିବା ଟଙ୍କା ପୋଡି ଯାଇଥିବାରୁ ତାଙ୍କ ପରିବାର ଲୋକେ ଚିନ୍ତିତ ହୋଇପଡିଛନ୍ତି। ସେ କିଛି ଦିନ ହେବ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କଟକ ବଡ ଡାକ୍ତରଖାନାର ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କ ଚିକିତ୍ସା ପାଇଁ ୧୪ବର୍ଷର ପୁଅ ଓ ସ୍ତ୍ରୀ ଋଣ କରି ଟଙ୍କା ଯୋଗାଡ କରିଥିବା ବେଳେ ଏସବୁ ପୋଡିଯାଇଛି। ଫଳରେ ସେମାନଙ୍କ ମୁଣ୍ଡରେ ଚଡ଼କ ପଡିଛି।

ଅଗ୍ନିକାଣ୍ଡର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବା ବେଳେ ଖବରପାଇ ଡମପଡ଼ା ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ ଜଳି ପୋଡି ପାଉଁଶ ହୋଇଯାଇଥିଲା। ବିପନ୍ନମାନେ ଏବେ ଖୋଲା ଆକାଶ ତଳେ ପଡି ରହିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଡଃ.ଦେବାଶିଷ ପଟ୍ଟନାୟକ ଏବଂ ଭାଜପା ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢୀ ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତ ଯୋଗାଇଦେବା ନିମନ୍ତେ ସେମାନେ ପ୍ରଶାସନ ନିକଟରେ ଦାବି ରଖିଛନ୍ତି। ଖବର ଲେଖାହେବା ବେଳକୁ କୌଣସି ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନଥିଲେ।

# ୧୦ ବାଇକ୍ ଜବତ: ୨ ଗିରଫ



ଜବତ ବାଇକ ଓ ଗିରଫ ଅଭିଯୁକ୍ତ।

**କଟକ ଅଫିସ, ୧୮।୩**

ରାତିରେ ପାଟ୍ରୋଲିଂ ବେଳେ ଚୌଦ୍ୱାର ପୋଲିସ ହାତରେ ଧରାପଡିଛନ୍ତି ବାଇକ ଚୋର ଗ୍ୟାଙ୍ଗ୍‌ର ୨ ଜଣ ସଦସ୍ୟ। ସେମାନେ ହେଲେ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅନ୍ତର୍ଗତ ଗାରଡପୁର ଅଞ୍ଚଳର ପ୍ରଦୀପ ସାହୁ ଓରଫ୍ ବାବୁଲି(୩୫) ଏବଂ ଟାଙ୍ଗୀ ଥାନା ଅନ୍ତର୍ଗତ ନରପଡା ଅଞ୍ଚଳର ଇନାମ ଖାଁ(୨୬)। ପୋଲିସ ସେମାନଙ୍କ ଠାରୁ ୧୦ଟି ବାଇକ ଜବତ କରିବା ସହ ଏ ନେଇ ଏକ ମାମଲା(ନଂ.୯୪/୧୮) ରୁଜୁ କରିଛି। ତେବେ ଏହି ଗ୍ୟାଙ୍ଗ୍‌ରେ ଆଉ କେତେଜଣ ସାମିଲ ଥିବା ପୋଲିସ ଜାଣିବାକୁ ପାଇଛି। ତୁରନ୍ତ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ପୋଲିସ

**ଭୁବନେଶ୍ୱରରୁ ଚୋରି କରି ବାହାରେ ବିକୁଥିଲେ**

ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧ଟାରେ ଚୌଦ୍ୱାର ପୋଲିସ ଓଟିଏମ୍ ଛକ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ବାବୁଲି ଏକ ବୁଲେଟ୍‌ରେ ଗାନ୍ଧୀ ଛକରୁ ଓଟିଏମ୍ ଛକ ଆଡକୁ ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସର ସନ୍ଦେହ ହୋଇଥିଲା। ତେଣୁ ପୋଲିସ ବାବୁଲିଙ୍କୁ ସେଠାରେ ରହିବାକୁ ସିଗ୍‌ନାଲ ଦେଇଥିଲେ ମଧ୍ୟ ସେ ନ ରହି ଦ୍ରୁତ ଗତିରେ ପଳାଇ ଯାଉଥିଲେ। ପୋଲିସ ତାଙ୍କୁ ପିଛାକରି ଧରିବା ପରେ ବୁଲେଟ୍ କାଗଜପତ୍ର ଦେଖାଇବାକୁ କହିଥିଲେ। ସେ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଉକ୍ତ ଗାଡିକୁ ଜବତ କରିବା ସହ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ସେ ଉକ୍ତ ଗାଡିକୁ ଭୁବନେଶ୍ୱର ସହୀଦ ନଗର ଅଞ୍ଚଳରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ସେ ତାଙ୍କର ଅନ୍ୟ ସହଯୋଗୀ ଇନାମଙ୍କ ନାଁ ପୋଲିସକୁ କହିଥିଲେ। ପୋଲିସ ଇନାମଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ପଚରାଉଚରା ପରେ ସେମାନେ ଭୁବନେଶ୍ୱର ହଂସପାଳ ନିକଟରେ ଏକ ଭଡାଘରେ ରହୁଥିବାବେଳେ ଭୁବନେଶ୍ୱରରୁ ବାଇକ୍ ଚୋରି କରି ଅନ୍ୟ ଜାଗାରେ ବିକ୍ରି କରୁଥିବା ମାନିଥିଲେ। ପରେ ସେମାନଙ୍କଠାରୁ ସୂଚନା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୧୦ଟି ବାଇକ ଜବତ କରିଥିଲା।

### ଉତ୍କଳ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି

**ସାଲେପୁର,୧୮।୩ (ଡି.ଏନ୍.ଏ)**

ସାଲେପୁର ଅଞ୍ଚଳରେ କାର୍ଯ୍ୟରତ ଖବରଦାତାମାନଙ୍କୁ ନେଇ ସୋମବାର ସ୍ଥାନୀୟ ବାଲିସାହି ପଞ୍ଚାୟତସ୍ଥିତ ମା' ବୁଢ଼ୀଜାଗୁଳାଇ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖବରଦାତା ମନୋଜ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉପସ୍ଥିତ ଖବରଦାତାମାନଙ୍କୁ ନେଇ ନୂତନଭାବେ ସାଲେପୁର ଖବରଦାତା ସଂଘ ଗଠନ କରାଯାଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଶାରଦା ପ୍ରସନ୍ନ ପଣ୍ଡା, ସମ୍ପାଦକ ବିସ୍ମିତ ଜେନା, ଉପସଭାପତି ଅରବିନ୍ଦ ଭୂୟାଁ, ସହସମ୍ପାଦକ ତାରାକାନ୍ତ ନାୟକ ଓ କୋଷାଧ୍ୟକ୍ଷ ଭାବେ ମନୋଜ ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ଆଇନଜୀବୀ ସତ୍ୟସ୍ୱରୂପ ଦାଶ, ସାମାଜିକ କର୍ମୀ ଅଶ୍ୱିନୀ କୁମାର ଦାସ ଓ ବିକ୍ରମ କେଶରୀ ମହାନ୍ତି ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ନବଗଠିତ ସାଲେପୁର ଖବରଦାତା ସଂଘ ପକ୍ଷରୁ ଆସନ୍ତା ଏପ୍ରିଲ୍ ୧ରେ ଉତ୍କଳ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ପ୍ରଦିପ୍ତ କୁମାର ଶତପଥୀ, ଅକ୍ଷୟ କୁମାର ଦାଶ, ଧୀରେନ୍ଦ୍ର କୁମାର ଦାସ, ରାକେଶ କୁମାର ଭୂୟାଁ ଓ ସୁରେଶ କୁମାର ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ।

ବାଙ୍କୀ କଲେଜରେ ପୋଷଣ ପାକ୍ଷିକ ଦିବସ

# ସୁଷମ, ପୁଷ୍ଟିଯୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ




ବାଙ୍କୀ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ବାଙ୍କୀ,୧୮।୩(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୃଶ୍ୟଶ୍ରାବ୍ୟ ଗୃହରେ ଜାତୀୟ ପୋଷଣ ପାକ୍ଷିକ ଦିବସ ସୋମବାର ପାଳିତ ହୋଇଯାଇଛି। ବାଙ୍କୀ ଡମପଡ଼ା ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜାତୀୟ ସେବାଯୋଜନା, ଜାତୀୟ ମହିଳା ସମରଶିକ୍ଷାର୍ଥୀ ବାହିନୀର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଭାରେ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରି ମହିଳା ଓ ଶିଶୁଙ୍କୁ ସୁଷମ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରାଧାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ସୁଷମ ଖାଦ୍ୟ ଓ ପୁଷ୍ଟିଯୁକ୍ତ ଖାଦ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ବାଙ୍କୀ ଡମପଡ଼ା ବ୍ଲକର ସମନ୍ୱିତ ମହିଳା ଶିଶୁବିକାଶ ବିଭାଗର ସୁପରଭାଇଜର ଜ୍ୟୋତିର୍ମୟୀ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଲ୍ୟୁଟନାଣ୍ଟ ଡଃ.ସନ୍ଧ୍ୟାରାଣୀ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରମାନେ ପରିଷ୍କାର ରହିବା ସହ ସୁଷମ ଖାଦ୍ୟ ଖାଇବା ଉପରେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ସତ୍ୟଜିତ୍ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସ୍ୱେଚ୍ଛାସେବୀ ସ୍ୱର୍ଣ୍ଣପ୍ରିୟା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ବ୍ୟାପୀ ଚାଲୁରହିବ । ଗାୟତ୍ରୀ ସାମଲ ଏହି ସଭା ପରିଚାଳନା କରିଥିଲେ।

# ଟେଲର ଶ୍ରମିକ ସଂଘର ମହାସମ୍ମିଳନୀ

**ବଡ଼ମ୍ବା,୧୮।୩(ଡି.ଏନ୍.ଏ.)**

ଓଡ଼ିଶା ଟ୍ରେଲର ଶ୍ରମିକ ଆସୋସିଏଶନ୍ ଆନୁକୂଲ୍ୟରେ କଟକ ଜିଲା ଅନ୍ତର୍ଗତ ବଡ଼ମ୍ବା ଓ ନରସିଂହପୁର ବ୍ଲକ୍‌ର ଟେଲର ଶ୍ରମିକ ଆସୋସିଏଶନ୍ ପକ୍ଷରୁ ସୋମବାର ମହାସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବାହାଟସ୍ଥିତ ଆଡ଼ିଆ ମହାଦେବଙ୍କ ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଟେଲର ପ୍ରଫୁଲ୍ଲ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ଓଡ଼ିଶା ଟେଲର ଆସୋସିଏଶନ୍‌ର ସଭାପତି ସେକ୍ ନିଜାମ୍ ଉଦ୍ଦିନ୍, ମୁଖ୍ୟବକ୍ତା ସମ୍ପାଦକ କୃଷ୍ଣ ଚନ୍ଦ୍ର ବିଦ୍ଧାଣୀ ରନ୍ ଯୋଗଦେଇ ସଂଘର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଜିଲା ଟେଲର ଶ୍ରମିକ ଆସୋସିଏଶନ୍ ସଭାପତି ମହମ୍ମଦ ସବୀର୍, ସମ୍ପାଦକ ଗୋପାଳ ଦାସ, ବଡ଼ମ୍ବା ବ୍ଲକ୍ ଟେଲର ଶ୍ରମିକ ଆସୋସିଏଶନ୍ ସଭାପତି ରବୀନ୍ଦ୍ର କୁମାର ମହାପାତ୍ର, ସମ୍ପାଦକ ଭରତ ବେହେରା ଓ ସୌଦାମିନୀ ରଥ ଯୋଗଦେଇଥିଲେ। ଏହି ଅବସରରେ ଆସୋସିଏଶନ୍ ପକ୍ଷରୁ ୭ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଏହି ମହାସମ୍ମିଳନୀରେ ୨ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଟେଲର ଯୋଗଦେଇଥିଲେ।




ମହାସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

■ ୭ ପଞ୍ଚାୟତକୁ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ସେବା ମିଳିବାରେ ବିଳମ୍ବ

# ଉଦ୍‌ଘାଟନ ପରଠୁ କାର୍ଯ୍ୟକ୍ଷମ ହେଉନି ଗ୍ରୀଡ୍

**ନରସିଂହପୁର, ୧୮।୩ (ସ୍ୱ.ପ୍ର)**

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକଳ୍ପ ଉନ୍ମୋଚନ ଓ ଉଦ୍‌ଘାଟନୀ କାର୍ଯ୍ୟ କିଛି ଦିନ ପୂର୍ବେ ଜୋରସୋର ଚାଲିଥିଲା। ମାତ୍ର ଏସବୁ ପ୍ରକଳ୍ପ କେତେଦୂର କାର୍ଯ୍ୟକାରୀ ହେଲାଣି ତାକୁ ଦେଖିବାକୁ କେହିନାହାନ୍ତି। ନେତାମାନେ ନିର୍ବାଚନରେ ବ୍ୟସ୍ତ ରହିଥିବା ବେଳେ ବିଭାଗ ପକ୍ଷରୁ ମଧ୍ୟ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ଫଳରେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ନରସିଂହପୁର ବ୍ଲକର ପଶ୍ଚିମାଞ୍ଚଳ ଭାବେ ଜଣାଶୁଣା ଯୋଡମୁଁ ପ୍ରଗଣାର ୭ଟି ପଞ୍ଚାୟତରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ସେବା ମିଳିବା ଆଶା ଏବେ ମଉଳିଯାଇଛି।

ଫେବୃୟାରୀ ୨୩ରେ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ ନରସିଂହପୁର ବ୍ଲକ ଗସ୍ତରେ ଆସିଥିଲେ। ଏହି ସମୟରେ ବ୍ଲକର ମର୍ଦ୍ଦମେଖଠାରେ ୩୩/୧୧ କେଭି କ୍ଷମତା ବିଶିଷ୍ଟ ବିଦ୍ୟୁତ ସବ୍‌ଷ୍ଟେସନର ଉଦ୍‌ଘାଟନ କରିଥିଲେ। ମାତ୍ର ଉଦ୍‌ଘାଟନ ହେବାର ୨୪ ଘଣ୍ଟା ମଧ୍ୟରେ ଏହାର ଫ୍ୟୁଜ୍ ପୋଡିଯାଇଥିବା ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ୨୪ ଦିନ ବିତିଯାଇଥିଲେ ମଧ୍ୟ ମରାମତି କରାଯାଉ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ସୂଚନାଯୋଗ୍ୟ, ଏହି ସବ୍‌ଷ୍ଟେସନ ଅଧୀନରେ ବାଲିସାହି, ଶରଧାପୁର, ଯୋଡମୁଁ, ଚକାମୁଣ୍ଡା, ବସନ୍ତପୁର, ରେଗେଡା ଓ କମଳାଡିହ ଆଦି ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି। ବିଦ୍ୟୁତ ସରବରାହ ଏ ଅଞ୍ଚଳରେ ନିମ୍ନମାନର ଥିବାରୁ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏଠାରେ ବିଦ୍ୟୁତ୍ ସବ୍‌ଷ୍ଟେସନ ସ୍ଥାପନ କରାଗଲା। ଏହାର ଉଦ୍‌ଘାଟନ ବେଳେ ଲୋକେ ଭଲ ବିଦ୍ୟୁତ୍ ସେବା ପାଇବେ ବୋଲି ଆଶା ବାନ୍ଧି ବସିଥିଲେ। ମାତ୍ର ଉଦ୍‌ଘାଟନ ହେବା ପରଠୁ ସବ୍‌ଷ୍ଟେସନ୍ ଅଚଳ ହୋଇଯାଇଛି। ଫଳରେ ଲୋକେ ଚିନ୍ତିତ ହୋଇପଡିଛନ୍ତି। ଆଗକୁ ଗ୍ରୀଷ୍ମ ପ୍ରବାହ ହେବାକୁ ଥିବା ବେଳେ ତୁରନ୍ତ ଏହି ସବ୍‌ଷ୍ଟେସନକୁ କାର୍ଯ୍ୟକ୍ଷମ କରିବା ପାଇଁ ସାମାଜିକ କର୍ମୀ ପ୍ରିୟରଞ୍ଜନ ପ୍ରତାପ ସିଂ, ପବିତ୍ର କୁମାର ମିଶ୍ର, ମୋହନ ପ୍ରଧାନ, ଓଡ୍ରିପୁରା ଦେହୁରୀ, ପ୍ରମୁଖ ଦାବି କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କାଶୀନାଥ ବାରିକ କହିଛନ୍ତି,ମର୍ଦ୍ଦମେଖ ସବଷ୍ଟେସନ ନିର୍ମାଣ କାମରେ ଆଉ ଅଳ୍ପ କାମ ବାକି ରହିଛି ପୂର୍ଣ୍ଣାଙ୍ଗ ହେବା ପରେ ବିଦ୍ୟୁତ ସେବା ଯୋଗାଇଦିଆଯିବ। ପୂର୍ଣ୍ଣାଙ୍ଗ କାମ ସରି ନ ଥିବାବେଳେ ତରବରିଆ ଭାବରେ ଉଦ୍‌ଘାଟନ କରାଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

**ନରସିଂହପୁର ବ୍ଲକ**



ଅଚଳ ହୋଇ ପଡ଼ିଥିବା ବିଦ୍ୟୁତ୍ ସବ୍ ଷ୍ଟେସନ୍।

■ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା ଉଦ୍‌ଘାଟନ

■ଗୋଟିଏ ଦିନରେ ପୋଡିଯାଇଥିଲା ଫ୍ୟୁଜ୍

■୨୪ ଦିନ ହେବ ଅଚଳ ରହିଛି ସବ୍‌ଷ୍ଟେସନ୍



ଯେତେବେଳେ ଅସୁବିଧା ଆସେ, ମନକୁ ସ୍ଥିର ରଖିବା ଉଚିତ।
- ଲେନିନ୍



## ସଂକ୍ଷେପରେ

### ରେଳଧାରଣାରେ ବୃଦ୍ଧଙ୍କ ଆତ୍ମହତ୍ୟା

**ଟାଙ୍ଗୀ(କଟକ), ୧୮।୩(ଡି.ଏନ୍.ଏ):** ପୂର୍ବତଟ ରେଳ କପିଳାସ ରୋଡ଼ ଷ୍ଟେଶନର ଟାଙ୍ଗୀ ସ୍ଥିତ ୧୭୪ନଂ. ରେଳଫାଟକ ନିକଟରେ ସୋମବାର ଜଣେ ଅଚିହ୍ନା ବୃଦ୍ଧ ଆତ୍ମହତ୍ୟା କରିଛନ୍ତି। ତେବେ ତାଙ୍କ ଘର ଢେଙ୍କାନାଳ ଜିଲା ଗଁଦିଆ ଅଞ୍ଚଳରେ ବୋଲି ସୂଚନା ମିଳିଛି। ସକାଳ ସାଢେ ୮ଟାରେ ଭଦ୍ରକ-ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍ କପିଳାସ ରୋଡ ଷ୍ଟେଶନ୍ ଛାଡ଼ିଥିଲା। ୧୭୪ନଂ ରେଳ ଫାଟକ ବନ୍ଦ ରହିଥିବାରୁ ସମସ୍ତ ପଥଚାରୀଙ୍କ ସହିତ ବୃଦ୍ଧ ଜଣଙ୍କ ସେଠାରେ ଛିଡ଼ା ହୋଇଥିଲେ। କିନ୍ତୁ ଟ୍ରେନ୍‌ର ଇଞ୍ଜିନ୍ ଓ ଗୋଟିଏ ଡବା ଫାଟକ ଅତିକ୍ରମ କରିବା କ୍ଷଣି ହଠାତ୍ ବୃଦ୍ଧ ଜଣଙ୍କ ଦୌଡି ଯାଇ ରେଳଧାରଣାରେ ବେକ ଦେଖାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ କଟକ ଜିଆରପି ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିବା ବିଭାଗୀୟ ଅଧିକାରୀ ସ୍ମୃତିରଞ୍ଜନ କର ସୂଚନା ଦେଇଛନ୍ତି।

### କଟକ ଜିଲା ଭାଜପା ସଭାପତିଙ୍କ ଘରେ ପ୍ରକାଶ

**ଟାଙ୍ଗୀ(କଟକ), ୧୮।୩(ଡି.ଏନ୍.ଏ):** କଂଗ୍ରେସରୁ ଇସ୍ତଫା ଓ ଭାଜପାରେ ଯୋଗଦାନ ପରେ ସାଲେପୁର ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ସୋମବାର କଟକ ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କୁ ଭେଟି ଆଲୋଚନା କରିଛନ୍ତି। ଅପରାହ୍ନରେ ପ୍ରକାଶ ନିଜ ସମର୍ଥକଙ୍କ ଗହଣରେ ହେମନ୍ତଙ୍କ ଘର ଟାଙ୍ଗୀ ଥାନା କନ୍ହେଇପୁର ଗ୍ରାମରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କୁ ପ୍ରକାଶ ସ୍ୱାଗତ କରିବାପରେ ରାଜନୈତିକ ଆସର ଆରମ୍ଭ ହୋଇଥିଲା। ଏଥିସହ ପ୍ରକାଶ ଉକ୍ତ ଗ୍ରାମରେ ବାସ କରୁଥିବା ବରିଷ୍ଠ କଂଗ୍ରେସ ନେତା ଭ୍ରମରବର ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ ଓ ପୂର୍ବତନ ସରପଞ୍ଚ ରତ୍ନାକର ବିଶ୍ୱାଳଙ୍କ ଘରକୁ ଆସି ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ସମସ୍ତଙ୍କ ସହଯୋଗ ରହିଲେ ବିଧାୟକ ଭାବେ ପୁନଶ୍ଚ ସେବା କରିବାର ସୁଯୋଗ ମିଳିବ ବୋଲି ପ୍ରକାଶ ଆଶାବ୍ୟକ୍ତ କରି ଫେରିଥିଲେ।

### ବ୍ୟବସାୟୀଙ୍କୁ ଆକ୍ରମଣ: ୨ ଗିରଫ

**କଟକ ଅଫିସ, ୧୮।୩:** ରବିବାର ରାତିରେ କଟକ ଗାନ୍ଧୀପଲ୍ଲୀ ଅଞ୍ଚଳରେ ପରିବା ବ୍ୟବସାୟ କରୁଥିବା ମନୋଜ ବଳଙ୍କୁ ଆକ୍ରମଣ କରାଯାଇଛି। ଏହି ଘଟଣାରେ ଚାଉଳିଆଗଞ୍ଜ ପୋଲିସ ସୋମବାର ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବେହେରାସାହି ଅଞ୍ଚଳର ସନ୍ତୋଷ ବେହେରା(୨୯) ଓ ରାଜୀବ ବେହେରା(୨୪)। ସୂଚନା ଅନୁଯାୟୀ, ମନୋଜ ରବିବାର ରାତି ପ୍ରାୟ ସାଢେ ୧୧ଟାରେ ମାଲଗୋଦାମ ଅଞ୍ଚଳରୁ ପରିବା ନେଇ ଏକ ବାଇକରେ ଗାନ୍ଧୀପଲ୍ଲୀ ଆସିଥିଲେ। ସେଠାରେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ୫ ହଜାର ଟଙ୍କା ଦାଦାବଟି ମାଗିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ସେମାନେ ଏକ ବାଡିରେ ତାଙ୍କ ମୁଣ୍ଡଙ୍କୁ ଆକ୍ରମଣ କରି ପଳାଇ ଯାଇଥିଲେ। ପରେ ଚିକିତ୍ସା ଲାଗି ମନୋଜଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ଏ ନେଇ ମନୋଜ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୫/୧୯) ରୁଜୁ କରିଥିଲା।

# ଶାଗୁଆନ ଗଛ ପୋଡି ତିଆରି ହେଉଛି କୋଇଲା

**ଜଙ୍ଗଲରେ ନିଆଁ**
- ବେଆଇନ ଭାବେ ଭାଟିକୁ ଚାଲାଣ ହେଉଛି
- ସବୁଜାଣି ବନ ବିଭାଗ ନିରବ

**ଟାଙ୍ଗୀ(କଟକ), ୧୮।୩(ଡି.ଏନ୍.ଏ.)**

କଟକ ବନଖଣ୍ଡ ଡାଳିଯୋଡା ରେଞ୍ଜ ସଫା ସେକ୍ସନ ଅନ୍ତର୍ଗତ କେତେକ ଜଙ୍ଗଲରେ ଥିବା ବହୁ ମୂଲ୍ୟବାନ ଶାଗୁଆନ ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ଏହି ଗଛକୁ ପୋଡାଯାଇ ସେଥିରେ କୋଇଲା ପ୍ରସ୍ତୁତ କରାଯାଉଛି। ଏହାକୁ ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଛି। ଏ ନେଇ ଗ୍ରାମବାସୀ ଡାଳିଯୋଡା ରେଞ୍ଜରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉନାହିଁ। ସବୁଜାଣି ବନ ବିଭାଗ ନୀରବ ରହୁଛି ବୋଲି ଗ୍ରାମବାସୀ କହିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ରେଞ୍ଜ ଅଧୀନ ଅଭୟପୁର ଗ୍ରାମ ସଲଗ୍ନ ଜଙ୍ଗଲରେ ୭ଦିନ ତଳେ ଅଗ୍ନିକାଣ୍ଡ ଘଟିଥିଲା। ସେହିପରି ରବିବାର ମଧ୍ୟ ହାଟ ଠାକୁରାଣୀ ଶାଗୁଆନ ଜଙ୍ଗଲରେ ନିଆଁ ଲାଗିଥିଲା। ଏଥିଯୋଗୁ ଉଭୟ ସ୍ଥାନର ପ୍ରାୟ ୫ ଏକର ଅଞ୍ଚଳରେ ଥିବା ବହୁ ମୂଲ୍ୟବାନ ଗଛ ପୋଡି ଯାଇଥିବା ସଫା ବନପାଳ ଚନ୍ଦ୍ର ଶେଖର ଦାସ କହିଛନ୍ତି। ରବିବାର ମଧ୍ୟାହ୍ନ ୧୨ଟାରେ କେତେକ ଦୁର୍ବୃତ୍ତ ହାଟ ଠାକୁରାଣୀ ଜଙ୍ଗଲରେ ନିଆଁ ଲଗାଇ ଦେଇଥିଲେ। ଏହି ଖବର ବନ କର୍ମଚାରୀମାନେ ଅପରାହ୍ନ ୩ଟାରେ ପାଇଥିଲେ ମଧ୍ୟ ସନ୍ଧ୍ୟା ୫ଟା ପରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପରେ ପୋଡି ଯାଇଥିବା ଗଛ ସମ୍ପର୍କରେ ରେଞ୍ଜର ମନୋରଞ୍ଜନ ସ୍ୱାଇଁ ରିପୋର୍ଟ ପ୍ରସ୍ତୁତ କରି ବିଭାଗର ଉଚପଦସ୍ଥ ଅଧିକାରୀଙ୍କ ନିକଟକୁ ପଠାଇ ଦେଇ ନିଜ କାମ ସାରି ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ପୋଡି ଯାଇଥିବା ସ୍ଥଳରୁ କୋଇଲା ସଂଗ୍ରହ କରି ଭଜିମୁଣ୍ଡା ଅଞ୍ଚଳରେ ବାସନ ତିଆରି ହେଉଥିବା କେତେକ ଭାଟିକୁ ଚାଲାଣ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଭଜିମୁଣ୍ଡାରେ କେତେକ ଭାଟିରେ ବାସନ ତିଆରି ପାଇଁ କୋଇଲା ବ୍ୟବହାର ହୋଇଥାଏ। ଏଥିପାଇଁ ଉକ୍ତ ଜଙ୍ଗଲରେ ବହୁ ମୂଲ୍ୟବାନ ଗଛକୁ ବେଆଇନ ଭାବେ କାଟି ପୋଡାଯିବା ପରେ କୋଇଲା ପ୍ରସ୍ତୁତ ହେଉଛି। ପ୍ରତିଦିନ ୫୦ରୁ ଊର୍ଦ୍ଧ୍ୱ ସାଇକେଲ ଓ ଟାଟା ଏସିଇ ଗାଡିରେ ଏହି କୋଇଲା ଲଦାଯାଇ ବାସନ ତିଆରି ଭାଟିକୁ ନିଆଯାଉଛି। ଏ ନେଇ ରେଞ୍ଜର ସ୍ୱାଇଁ କୁହନ୍ତି, କାଠକୋଇଲା ପ୍ରସ୍ତୁତ ଓ ଚାଲାଣ ସମ୍ପୂର୍ଣ୍ଣ ଭାବେ ଢେଙ୍କାନାଳ ଜଙ୍ଗଲରୁ ହେଉଛି। ସେଠାରୁ ଟାଙ୍ଗୀ–ହରିପୁର ରୋଡ ପାର କରି ୧୬ନଂ. ଜାତୀୟ ରାଜପଥର କଏରାପାରୀ ଛକରୁ ସିଧା ଭଜିମୁଣ୍ଡାକୁ ଚାଲାଣ ହେଉଛି। କିନ୍ତୁ ନିଜ ଅଞ୍ଚଳର ପୋଡି ଯାଇଥିବା ଗଛରୁ ସଂଗୃହିତ କୋଇଲା ବିଷୟରେ ସେ ମାନି ନ ଥିଲେ। ଏ ନେଇ ସିପିଏମ୍ ନେତା ବଦ୍ରି ନାରାୟଣ ଦାସ କୁହନ୍ତି, ଚୋରା କାଠ ଚାଲାଣ ଓ ପୋଡା କୋଇଲା କାରବାରରେ ସିଧା କଟକ ଡିଏଫଓଙ୍କ ସମ୍ପର୍କ ରହିଛି। କୋଟସାହି ସରପଞ୍ଚ ଅମୂଲ୍ୟ କୁମାର ସାହୁ କୁହନ୍ତି, ଏହା ନିତିଦିନିଆ ଘଟଣା। ଆମ ଆଖି ଆଗରେ ଏହି ସବୁ ଚୋରା କାରବାର ହେଉଛି। ଅଭିଯୋଗ କଲେ ଲୋକ ଦେଖାଣିଆ ଭାବେ ଚଢାଉ କରାଯାଇ ଗାଡି ଜବତ କରାଯାଉଛି। ପରେ ଏହାକୁ ଛାଡି ଦିଆଯିବାର ଅନେକ ଉଦାହରଣ ରହିଛି। ଏହି ରେଞ୍ଜ ଅଧୀନରେ ଗତ ୧୦ ବର୍ଷ ତଳେ ଥିବା ଜଙ୍ଗଲ କିମ୍ବା ଜଙ୍ଗଲ ଜମି ଆଉନାହିଁ। ଏ ସମ୍ପର୍କରେ କଟକ ଡିଏଫଓ ଏସ୍‌ଏମ୍‌ଟି ରହମାନଙ୍କୁ ପଚାରିବାରୁ ସେ ନିଜ ବିଭାଗର ଦୋଷ ଘୋଡାଇବା ସହିତ ଖବରଦାତାଙ୍କୁ ଖବର ଛାପିବା ପୂର୍ବରୁ ପ୍ରମାଣ ସଂଗ୍ରହ କରିବାକୁ ତାଗିଦ କରିଥିଲେ। ଯଦି ଆପଣ ଏ ବିଷୟରେ ଆମକୁ ଅବଗତ କରାନ୍ତି ତା'ହେଲେ ପଦକ୍ଷେପ ନେବୁ ବୋଲି ସେ ଆମ ପ୍ରତିନିଧିଙ୍କୁ କହିଥିଲେ। ଯଦି ଏହିପରି ଭାବେ ଜଙ୍ଗଲ ସମ୍ପତ୍ତି ଲୁଟ୍ କରାଯାଏ। ତା'ହେଲେ ଆସନ୍ତା କିଛି ବର୍ଷ ମଧ୍ୟରେ ଜଙ୍ଗଲ ଆଉ ନ ଥିବ ବୋଲି କଟକ ବନଖଣ୍ଡର ଜଣେ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ସାମିଲ ମହିଳା ଓ ଅନ୍ୟମାନେ।

**କଟକ ଅଫିସ, ୧୮।୩**

କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ.୨୪ରେ ମହିଳା ବିଜେଡ଼ି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ୱାର୍ଡର ମହିଳା ବିଜେଡ଼ି ସଭାପତି ବିଦ୍ୟୁଲତା ଦାସ, ସମ୍ପାଦକ ଦୀପ୍ତିମୟୀ ମୂଳିଆ, ସଂଯୋଜକ ନିରୁପମା ରାଉତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ବିଜେଡ଼ିର ଜନମଙ୍ଗଳ କାର୍ଯ୍ୟର ପ୍ରଚାର କରାଯିବା ସହ ପ୍ରତ୍ୟେକ ଘରେ ଶଙ୍ଖ ପୋଷ୍ଟର ଲଗାଯାଇଥିଲା। ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ, ମହିଳା ନଗର ସଭାପତି ଅନିତା ବେହେରା, ୱାର୍ଡ ସଭାପତି ପ୍ରତାପ ମୂଳିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ: ୬ ଗିରଫ

**ଫୁଲନଖରା, ୧୮।୩ (ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ଖଲର୍ଦ୍ଦା ଗ୍ରାମରେ ରବିବାର ରାତିରେ ଦୋଳବିମାନ ଶୋଭାଯାତ୍ରାବେଳେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ଢେଲାପଥର ମାଡ ହୋଇଛି। ଏହି ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ୯ ଜଣ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଖଲର୍ଦ୍ଦା ଗ୍ରାମର ବିବେକାନନ୍ଦ ସ୍ୱାଇଁ, ଉପେନ୍ଦ୍ର ସାମଲ, କୁଳଦୀପ ମହାନ୍ତି, ହିମାଂଶୁ ଶେଖର ମହାନ୍ତି, ଜଗଦୀପ ମହାନ୍ତି ଓ ଦୀପକ ମହାନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୮/୧୯) ରୁଜୁ ହୋଇଛି। ଉକ୍ତ ଗ୍ରାମ ସ୍ୱାଇଁସାହିର ଏକ ଦୋଳବିମାନ ସାମଲସାହି ଦେଇ ଶୋଭାଯାତ୍ରାରେ ଯାଉଥିଲା। ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ଡିଜେର ତାଳେତାଳେ କେତେଜଣ ଯୁବକ ନାଚୁଥିଲେ। ହେଲେ ଏପରି ନାଚକୁ ସାମଲ ସାହିର ଯୁବକମାନେ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଢେଲାପଥର ମାଡ ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା ଦୁଇ ଜଣ ପୋଲିସ ଅଧିକାରୀ ଉଭୟ ଗୋଷ୍ଠୀର ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କେହି ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ଢେଲାପଥର ମାଡରେ ଦୁଇ ଜଣ ପୋଲିସ ଅଧିକାରୀ ଆହତ ହୋଇଥିବା କଟକ ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।



ନିର୍ବାଚନ ପାଇଁ ସଜବାଜ: କଟକ ବାଲିଯାତ୍ରା ଟଣ ପଡ଼ିଆରେ ଥିବା ଗାଡ଼ିଗୁଡ଼ିକରେ ଭାଜପା ବ୍ୟାନର ଲଗାଇ ସଜିତ କରାଯାଉଛି।

## ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣା

# ଡିସିପିଙ୍କ ନିକଟରେ ଅଭିଯୋଗ

**କଟକ ଅଫିସ, ୧୮।୩**

ମାଲଗୋଦାମ ଅଞ୍ଚଳରେ ଚିନି ବ୍ୟବସାୟୀ ଦାମୋଦର ଭଇଂଶଙ୍କାଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣାକୁ ୪୮ ଘଣ୍ଟା ପୁରିଛି। ହେଲେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପତ୍ତା ପୋଲିସ ଏପର୍ଯ୍ୟନ୍ତ ପାଇପାରିନାହିଁ। ଏନେଇ ସୋମବାର କଟକ ମାରୱାଡି ସମାଜ ପକ୍ଷରୁ ଡିସିପିଙ୍କ ନିକଟରେ ଅଭିଯୋଗ କରାଯାଇଛି। ମାଲଗୋଦାମ ଅଞ୍ଚଳରେ ଦିନକୁ ଦିନ ଲୁଟେରା, ଚୋର, ଦୁର୍ବୃତ୍ତମାନଙ୍କର ଆତଙ୍କ ବଢିଚାଲିଥିବା ବେଳେ ସାଧାରଣ ଲୋକ ଭୟଭିତ ଅବସ୍ଥାରେ ରହୁଛନ୍ତି ବୋଲି ସମାଜ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ସଜାଗ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଏଥିସହିତ ଦାମୋଦରଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ଶନିବାର ରାତିରେ ଦାମୋଦର ଦୋକାନ ବନ୍ଦ କରି ମାଲଗୋଦାମରୁ ଏକ ବାଇକରେ ଘରକୁ ଯାଉଥିବାବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଅଟକାଇଥିଲେ। ସେ ରହିବା କ୍ଷଣି ସେମାନେ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା(ନଂ.୫୯/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଡିସିପି ଅଖିଳେଶ୍ୱର ସିଂଙ୍କୁ ପଚାରିବାରୁ ସେ କହିଲେ, ମାମଲା ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ।

# ବୋର୍ଡ ସଭାପତିଙ୍କୁ ଭେଟିଲା ଏବିଭିପି

**କଟକ ଅଫିସ, ୧୮।୩**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ଏକ ପ୍ରତିନିଧି ଦଳ ସୋମବାର ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସଭାପତି ଡ. ଜାହାଁ ଆରା ବେଗମଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ଉକ୍ତ ସ୍ମାରକପତ୍ରରେ ପ୍ରସ୍ତାବ ଦିଆଯାଇଛି, ବରିଷ୍ଠ ଶିକ୍ଷାବିତ୍‌ମାନଙ୍କୁ ନେଇ ଏକ କମିଟି ଗଠନ କରାଯାଉ। ୪ଟି ପ୍ରଶ୍ନପତ୍ରର ତୁଳନାତ୍ମକ ବ୍ୟାଖ୍ୟା କରାଯାଇ ସହଜ ଓ କଠିନ ପ୍ରଶ୍ନଗୁଡିକର ମୂଲ୍ୟାୟନ ସମୟରେ ଧ୍ୟାନ ଦିଆଯାଉ। କଠିନ ପ୍ରଶ୍ନପତ୍ରର ସମ୍ମୁଖୀନ ହୋଇଥିବା ପରୀକ୍ଷାର୍ଥୀଙ୍କୁ ସହଜ ପ୍ରଶ୍ନପତ୍ରର ସମ୍ମୁଖୀନ ପରୀକ୍ଷାର୍ଥୀଙ୍କ ତୁଳନାରେ ମାର୍କ ଦିଆଯିବା କ୍ଷେତ୍ରରେ କୋହଳନୀତି ନେବା ନେଇ ଦାବି ହୋଇଛି।

## ■ ସାଧାରଣ ନିର୍ବାଚନ ପାଇଁ ବୈଠକ

# ଜିଲାରେ ଶତପ୍ରତିଶତ ମତଦାନ ଉପରେ ଗୁରୁତ୍ୱ

**କଟକ ଅଫିସ, ୧୮।୩**

ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତ ଭୋଟର ନିଶ୍ଚିତ ମତଦାନ କରିବା ପାଇଁ ନିର୍ବାଚନ ଆୟୁକ୍ତ ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ଚଳିତ ନିର୍ବାଚନରେ ଯେପରି କୌଣସି ମତଦାତା ଭୋଟଦାନରୁ ବଞ୍ଚିତ ନ ହେବେ, ଅଧିକରୁ ଅଧିକ ମତଦାତା ସେମାନଙ୍କର ମତଦାନ ସାବ୍ୟସ୍ତ କରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଭୋଟରମାନଙ୍କୁ ନିଶ୍ଚିତ ମତଦାନ ପାଇଁ ଗୁରୁତ୍ୱ ଦେଇଥିଲେ। ସଚେତନତା ରଥ ମାଧ୍ୟମରେ ଇଭିଏମ–ଭିଭିପାଟ୍ ମେଶିନ ଦ୍ୱାରା ଅବାଧ, ନିରପେକ୍ଷ ଭୋଟଦାନ ନିମନ୍ତେ ସଚେତନ କରାଯାଉଛି ବୋଲି ମହାନ୍ତି କହିଥିଲେ। ସେହିପରି ଭୋଟରମାନଙ୍କୁ ବିଭିନ୍ନ ଗଣମାଧ୍ୟମ, ଶୋଭାଯାତ୍ରା ଓ ଲୋକକଳା ମାଧ୍ୟମରେ ବ୍ୟାପକ ସଚେତନ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଭିନ୍ନକ୍ଷମ, କିନ୍ନର, ମହିଳା ଓ ଯୁବ ଭୋଟରମାନେ ଅଧିକରୁ ଅଧିକ ନିଶ୍ଚିତ ମତଦାନ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଉଥିବା ବୈଠକରେ ମତପ୍ରକାଶ ପାଇଥିଲା। ଭୋଟରମାନଙ୍କୁ ମତଦାନ ସମ୍ପର୍କରେ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଯେଉଁମାନେ ଭୋଟ୍ ଦେବେ ସେମାନଙ୍କୁ ବିଭିନ୍ନ ସାମଗ୍ରୀ କ୍ରୟ, ହୋଟେଲ ସେବାରେ ରିହାତି ମିଳିପାରିବ ବୋଲି ବିଭିନ୍ନ ମଲ୍ ଓ ହୋଟେଲ ଶିଳ୍ପର ପ୍ରତିନିଧିମାନେ ବୈଠକରେ ମତପ୍ରକାଶ କରିଥିଲେ। ଅପରପକ୍ଷରେ କଟକ କ୍ଲବ୍, ରୋଟାରି କ୍ଲବ୍ ଓ ଲାୟନ୍ସ କ୍ଲବ୍‌ର କର୍ମକର୍ତ୍ତାମାନେ ସଂକ୍ଷିପ୍ତ ଭିଡିଓ, ବିଜ୍ଞାପନ, ଶୋଭାଯାତ୍ରା ମାଧ୍ୟମରେ ଜିଲାର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଗଣତନ୍ତ୍ରରେ ଭୋଟଦାନର ଅଧିକାର ଓ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ସେହିପରି ମହାବିଦ୍ୟାଳୟର ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ନିଶ୍ଚିତ ଭୋଟଦାନ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅଲୋଚନା କରାଯାଇଥିଲା। ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ଦୀପ୍ତି ରଞ୍ଜନ ପାତ୍ର, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ମିଶ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ଓ ଓଏସଡି ଶିବବ୍ରତ ଘୋଷଙ୍କ ସମେତ ବିଏସ୍‌ଏନ୍‌ଏଲ୍‌ର ବରିଷ୍ଠ ଅଧିକାରୀ, ରୋଟାରୀ କ୍ଲବ୍, କଟକ କ୍ଲବ୍, ଲାୟନ୍ସ କ୍ଲବ୍ ଓ ବିଭିନ୍ନ ହୋଟେଲ, କର୍ପୋରେଟ ହାଉସର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରକ୍ତ ସୁରକ୍ଷା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଉଚିତ

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗ ପକ୍ଷରୁ ଗତ ଶନିବାର 'ରକ୍ତ ସୁରକ୍ଷା ବୃଦ୍ଧି କରିବା– କ୍ଷଣିକର ଆବଶ୍ୟକତା' ସମ୍ପର୍କିତ ଏକ ଆଲୋଚନାଚକ୍ର ଓ କର୍ମଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଜୟଶ୍ରୀ ମହାନ୍ତି, ଅଧୀକ୍ଷକ ପ୍ରଫେସର ଡ. ସି.ବି.କେ. ମହାନ୍ତି, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡ. ସୁଶୀଲ କୁମାର କର ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ସମ୍ମତ ଅଧିବେଶନରେ ରକ୍ତ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଲକ୍ଷ୍ନୌସ୍ଥିତ ଏସ୍.ଜି.ପି.ଜି.ଆଇର ପ୍ରଫେସର ଡ. ରାଜେନ୍ଦ୍ର ଚୌଧୁରୀ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପ୍ରଫେସର ଡ. ପଙ୍କଜ ପରିଡ଼ା ବୈଷୟିକ ଅଧିବେଶନରେ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଭିନ୍ନ ରକ୍ତଭଣ୍ଡାର କର୍ମଚାରୀଙ୍କ ସହ କଲେଜର ସମସ୍ତ ବିଭାଗର ଶିକ୍ଷକଗୋଷ୍ଠୀ ଓ ଛାତ୍ରୀଛାତ୍ର ଏହି ଅବସରରେ ଉପସ୍ଥିତ ଥିଲେ।

# ୧୦ ବାଇକ୍ ଜବତ: ୨ ଗିରଫ

## ଭୁବନେଶ୍ୱରରୁ ଚୋରି କରି ବାହାରେ ବିକୁଥିଲେ

**କଟକ ଅଫିସ, ୧୮।୩**



ଜବତ ବାଇକ୍ ଓ ଗିରଫ ଅଭିଯୁକ୍ତ।

ରାତିରେ ପାଟ୍ରୋଲିଂ ବେଳେ ଚୌଦ୍ୱାର ପୋଲିସ ହାତରେ ଧରାପଡିଛନ୍ତି ବାଇକ ଚୋର ଗ୍ୟାଙ୍ଗ୍‌ର ୨ ଜଣ ସଦସ୍ୟ। ସେମାନେ ହେଲେ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅନ୍ତର୍ଗତ ଗାରଡପୁର ଅଞ୍ଚଳର ପ୍ରଦୀପ ସାହୁ ଓରଫ୍ ବାବୁଲି(୩୫) ଏବଂ ଟାଙ୍ଗୀ ଥାନା ଅନ୍ତର୍ଗତ ନରପଡା ଅଞ୍ଚଳର ଇନାମ ଖାଁ(୨୬)। ପୋଲିସ ସେମାନଙ୍କ ଠାରୁ ୧୦ଟି ବାଇକ ଜବତ କରିବା ସହ ଏ ନେଇ ଏକ ମାମଲା(ନଂ.୯୪/୧୮) ରୁଜୁ କରିଛି। ତେବେ ଏହି ଗ୍ୟାଙ୍ଗ୍‌ରେ ଆଉ କେତେଜଣ ସାମିଲ ଥିବା ପୋଲିସ ଜାଣିବାକୁ ପାଇଛି। ତୁରନ୍ତ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧ଟାରେ ଚୌଦ୍ୱାର ପୋଲିସ ଓଟିଏମ୍ ଛକ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ବାବୁଲି ଏକ ବୁଲେଟ୍‌ରେ ଗାନ୍ଧୀ ଛକରୁ ଓଟିଏମ୍ ଛକ ଆଡକୁ ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସର ସନ୍ଦେହ ହୋଇଥିଲା। ତେଣୁ ପୋଲିସ ବାବୁଲିଙ୍କୁ ସେଠାରେ ରହିବାକୁ ସିଗ୍‌ନାଲ ଦେଇଥିଲେ ମଧ୍ୟ ସେ ନ ରହି ଦ୍ରୁତ ଗତିରେ ପଳାଇ ଯାଉଥିଲେ। ପୋଲିସ ତାଙ୍କୁ ପିଛାକରି ଧରିବା ପରେ ବୁଲେଟ୍ କାଗଜପତ୍ର ଦେଖାଇବାକୁ କହିଥିଲେ। ସେ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ଉକ୍ତ ଗାଡିକୁ ଜବତ କରିବା ସହ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ସେ ଉକ୍ତ ଗାଡିକୁ ଭୁବନେଶ୍ୱର ସହୀଦ ନଗର ଅଞ୍ଚଳରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ପରେ ସେ ତାଙ୍କର ଅନ୍ୟ ସହଯୋଗୀ ଇନାମଙ୍କ ନାଁ ପୋଲିସକୁ କହିଥିଲେ। ପୋଲିସ ଇନାମଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ପଚରାଉଚରା ପରେ ସେମାନେ ଭୁବନେଶ୍ୱର ହଂସପାଳ ନିକଟରେ ଏକ ଭଡାଘରେ ରହୁଥିବାବେଳେ ଭୁବନେଶ୍ୱରରୁ ବାଇକ୍ ଚୋରି କରି ଅନ୍ୟ ଜାଗାରେ ବିକ୍ରି କରୁଥିବା ମାନିଥିଲେ। ପରେ ସେମାନଙ୍କଠାରୁ ସୂଚନା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୧୦ଟି ବାଇକ ଜବତ କରିଥିଲା।

## ■ ଅଟୋରୁ ଖସି ନାବାଳିକା ମୃତ୍ୟୁ ଘଟଣା

# ୨୪ ଘଣ୍ଟା ବିତିଲା, ପ୍ରତିଶ୍ରୁତି ପାଳନ କଲାନି ପୋଲିସ

- ଚାଳକଙ୍କୁ ଗିରଫ ପାଇଁ ଚଢାଉ ଜାରି
- ମୃତଦେହ ବ୍ୟବଚ୍ଛେଦ ପରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା

**ଖୁଣ୍ଟୁଣୀ, ୧୮।୩ (ଡି.ଏନ୍.ଏ.)**

ଗୁରୁଡିଝାଟିଆ ଥାନା ଅଧୀନ କୁସପଙ୍ଗୀଠାରେ ରବିବାର ଅପରାହ୍ନରେ ଅଟୋରୁ ଖସି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କେତେକ ଦାବି ନେଇ ମୃତ ନାବାଳିକାଙ୍କ ପରିବାର ସମେତ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଅଟୋ ଚାଳକଙ୍କୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି ଓ ସମ୍ପୃକ୍ତ ଅଟୋଚାଳକଙ୍କୁ ଗିରଫ କରିପାରିନାହିଁ। ଏହାକୁ ନେଇ ଅସନ୍ତୋଷ ଜୋର ଧରିଛି। ଅନ୍ୟପକ୍ଷରେ ସୋମବାର ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି।

ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ କୁସପଙ୍ଗୀ ପଞ୍ଚାୟତରେ ଆଠଗଡ଼ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ସାମିଲ ହେବା ପାଇଁ କେତେଜଣ ମହିଳାଙ୍କ ସମେତ ଜେମାଦେଈପୁର ଗ୍ରାମର ଶ୍ୱେତ ସାମଲଙ୍କ ଝିଅ କୁନି(୮) ଏକ ଅଟୋରେ କୁସପଙ୍ଗୀ ଆସୁଥିଲେ। ଉକ୍ତ ଅଟୋରେ ଆସୁଥିବା ଏକ ପୋଷାକୁକୁର ଭୁକିବାରୁ ଭୟରେ କୁନି ତଳକୁ ଖସିପଡିଥିଲେ। ସେହି ସମୟରେ ଅଟୋ ଚକା ତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହଠାତ୍ ଅଟୋ ଚାଳକ କୁନିଙ୍କୁ ନେଇ କେଉଁଆଡେ ପଳାଇ ଯାଇଥିଲେ। ତୁରନ୍ତ କୁନିଙ୍କୁ ଫେରାଇ ଆଣିବା, ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଅଭିଯୁକ୍ତ ଅଟୋ ଚାଳକଙ୍କୁ ଗିରଫ ପାଇଁ ଦାବି କରି ମୃତକଙ୍କ ମା'ବାପାଙ୍କ ସମେତ ଶତାଧିକ ମହିଳାପୁରୁଷ କୁସପଙ୍ଗୀ ଜଗନ୍ନାଥ ମନ୍ଦିର ସମ୍ମୁଖ ଜାତୀୟ ରାଜପଥକୁ ଅପରାହ୍ନ ଅବରୋଧ କରିଥିଲେ। ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କୁମାର ବିସି, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୧୦,୦୦୦ ଟଙ୍କା, ଦୁର୍ଘଟଣାଜନିତ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା ଓ ୨୪ ଘଣ୍ଟା ମଧ୍ୟରେ ଫେରାର ଅଟୋ ଚାଳକଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ହେଲେ ଏହି ପ୍ରତିଶ୍ରୁତିକୁ ପୋଲିସ ପାଳନ କରିପାରିନାହିଁ। ଏ ସମ୍ପର୍କରେ ଶ୍ୱେତ ସାମଲ କହିଛନ୍ତି, ପୋଲିସ ଜାଣିଶୁଣି ଅଟୋ ଚାଳକଙ୍କୁ ଗିରଫ କରିବାରେ ବିଳମ୍ବ କରୁଛି। ଏ ନେଇ ଚୌଦ୍ୱାର ଏସ୍‌ଡିପିଓ ମଲ୍ଲ କୁହନ୍ତି, ଅଟୋ ଚାଳକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଗୁରୁଡିଝାଟିଆ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛି। ଏଥିସହ ଉକ୍ତ ଅଟୋକୁ ଜବତ କରିବା ପାଇଁ ମଧ୍ୟ କହିଛି। ଏ ନେଇ ଆଇଆଇସି ବିସି କୁହନ୍ତି, ଘଟଣା ପରଠାରୁ ଅଟୋ ଚାଳକ ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ଆମେ ଚଢାଉ ଜାରି ରଖିଛୁ। ସୋମବାର ଅପରାହ୍ନ ୧ଟାରେ ଆଠଗଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ସେଠାରୁ ଗ୍ରାମବାସୀ ମୃତଦେହକୁ ଶୋଭାଯାତ୍ରାରେ ଆଣି ଗ୍ରାମ ପରିକ୍ରମା କରିବା ପରେ ସ୍ଥାନୀୟ ଶ୍ମଶାନରେ ସତ୍କାର କରାଯାଇଥିଲା।



ଯେତେବେଳେ ଅସୁବିଧା ଆସେ, ମନକୁ ସ୍ଥିର ରଖିବା ଉଚିତ।

- ଲେନିନ୍



## ସଂକ୍ଷେପରେ

### ଘରବାରି ରାସ୍ତାକୁ ନେଇ ମାରପିଟ୍, ୧୦ ଆହତ

ଖୋର୍ଦ୍ଧା ଅଫିସ,୧୮।୩: ଖୋର୍ଦ୍ଧା ସଦର ଥାନା ଦେଉଳଟାଙ୍ଗୀ ଗାଁରେ ସୋମବାର ପୂର୍ବାହ୍ନରେ ଘରବାରି ରାସ୍ତାକୁ ନେଇ ମାରପିଟ୍ ହୋଇଛି। ଏଥିରେ ଉଭୟ ପରିବାରର ୧୦ଜଣ ଆହତ ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଶେଖ୍ ଆବିଦ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୩୮/୧୯) ଓ ସାକିଲ ବିବିଙ୍କ ଅଭିଯୋଗକ୍ରମେ ପୋଲିସ (ନଂ.୩୯/୧୯)ରୁଜୁ କରି ତଦନ୍ତ ଚଳାଇଛି। ପୂର୍ବରୁ ଏହି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ପୂର୍ବରୁ ଏହାର ସମାଧାନ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଗଣ୍ଡଗୋଳ ରୂପ ନେଇଥିଲା।

### ଗ୍ରାମ୍ୟ ପୋଖରୀ, ଶ୍ମଶାନ ରାସ୍ତା ଜବରଦଖଲ

ଖୋର୍ଦ୍ଧା ଅଫିସ,୧୮।୩: ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ାର ଗ୍ରାମ୍ୟ ପୋଖରୀ ଓ ଶ୍ମଶାନ ରାସ୍ତା ଜବରଦଖଲ ହୋଇଛି। ରାସ୍ତା ଅବରୋଧ ହଟାଇବା ପାଇଁ ଗ୍ରାମବାସୀ ଜାନୁୟାରୀ ୭ରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ହେଲେ ସୁଫଳ ମିଳିଲାନି। ସୋମବାର ପୁଣି ଜିଲାପାଳଙ୍କୁ ଅବଗତ କରାଇବା ସହ ରାସ୍ତା ଦେବା ପାଇଁ ନିବେଦନ କରିଛନ୍ତି।

### ମହିଳା ବୀମା ଏଜେଣ୍ଟଙ୍କୁ ଅସଦାଚରଣ ଜେଲ୍ ଗଲେ ସିପାହୀ

ଭୁବନେଶ୍ୱର,୧୮।୩(ବ୍ୟୁରୋ)- ଜଣେ ମହିଳା ବୀମା ଏଜେଣ୍ଟଙ୍କୁ ଅସଦାଚରଣ କରିବା ପରେ ଜଣେ ସିପାହୀଙ୍କୁ ଜେଲ ଯିବାକୁ ପଡ଼ିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗୀର ଜିଲା ଆମ୍ବାପାଲି ଅଞ୍ଚଳ ବାସିନ୍ଦା ତଥା ଭୁବନେଶ୍ୱର ତୃତୀୟ ବାଟାଲିୟନରେ କାର୍ଯ୍ୟରତ ସିପାହି ରାଜକିଶୋର ଭୋଇ।
ସୂଚନା ମୁତାବକ, ଜୀବନ ବୀମା କରିବା ନେଇ ମହିଳାଙ୍କ ସହ ଅଭିଯୁକ୍ତ ରାଜକିଶୋରଙ୍କ ସାକ୍ଷାତ ହୋଇଥିଲା। ପରବର୍ତ୍ତୀ ସମୟରେ ମହିଳାଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ଅଭିଯୁକ୍ତ ମହିଳାଙ୍କ ସହ କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇଥିଲେ। ମାତ୍ର ମହିଳାଙ୍କ ସ୍ୱାମୀଙ୍କ ହାତରେ ଫଟୋ ସବୁ ଲାଗିବା ପରେ ମହିଳା ଜଣକ ସମସ୍ତ ଘଟଣା ପ୍ରକାଶ କରିଥିଲେ। ମହିଳା ଜଣକ ଜୀବନ ବୀମା କରିବା ପାଇଁ ରାଜକିଶୋରଙ୍କ ପାଖକୁ ଯିବା ସମୟରେ ସେ ତାଙ୍କୁ ଅସଦାଚରଣ କରିଥିଲେ। ଏହାପରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ବ୍ଲାକମେଲିଂ କରି ବାରମ୍ବାର ଅସଦାଚରଣ କରିଥିବା ସେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ଏ ନେଇ ଦମ୍ପତି ରବିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୩୪/୧୯ରେ ଏକ ମାମଲା ରୁଜୁ ପରେ ଘଟଣାର ତଦନ୍ତ କରି ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପଚରାଉଚରା ପରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ଚଣ୍ଡୀ ମହାଯଜ୍ଞ

ଟାଙ୍ଗୀ(ଖୋର୍ଦ୍ଧା), ୧୮।୩(ଡି.ଏନ.ଏ.)- ଟାଙ୍ଗୀ ପଞ୍ଚାୟତସ୍ଥ ପଥରବନ୍ଧ ଗ୍ରାମର ମା' ରତ୍ନମାଳା ଦେବୀଙ୍କ ପବିତ୍ର ପୀଠରେ ୭ ଦିନ ବ୍ୟାପୀ ୫ମ ବାର୍ଷିକ ଚଣ୍ଡୀ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବୈଦିକ ରୀତିନୀତିରେ ଯଜ୍ଞ କଳସ ସ୍ଥାପନ, ସୂର୍ଯ୍ୟପୂଜା, ନାମ ସଂକୀର୍ତ୍ତନ ଆଦି ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଉତ୍ସବର ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ବ୍ୟବସାୟୀଙ୍କ ପରଲୋକରେ ବଜାର ବନ୍ଦ

ନିରାକାରପୁର, ୧୮।୩(ଡି.ଏନ.ଏ)-ଖୋର୍ଦ୍ଧା ଜିଲା ନିରାକାରପୁର ଲକ୍ଷ୍ମୀବଜାରସ୍ଥିତ ବ୍ୟବସାୟୀ ବାବୁଲି ଜଗଦେବଙ୍କ ଶନିବାର ରାତି ସାଢ଼େ ୭ଟାବେଳେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ନିରାକାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଜ ଜନ୍ମଭୂମି ମୋଟାକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ରବିବାର ତାଙ୍କୁ ସମ୍ମାନ ଜଣାଇ ନିରାକାରପୁର ବଣିକ ସଂଘ ପକ୍ଷରୁ ବଜାର ବନ୍ଦ କରାଯାଇଥିଲା।

## କ୍ୟାପିଟାଲ ହସ୍ପିଟାଲରେ ଚରମ ଅବ୍ୟବସ୍ଥା

# ଟିକେଟ୍ କାଉଣ୍ଟର ବନ୍ଦ କଲେ କର୍ମଚାରୀ

ଭୁବନେଶ୍ୱର,୧୮।୩(ବ୍ୟୁରୋ)



ଟିକେଟ କାଉଣ୍ଟରରେ ଦେଖାଦେଇଥିବା ଉତ୍ତେଜନାର ଦୃଶ୍ୟ ।

**■ ଲାଇନରେ ରହି ଟିକେଟ୍ ନ ପାଇବାରୁ ଉତ୍ତେଜନା**

**■ ଠିକା ସଂସ୍ଥା ଓ ହସ୍ପିଟାଲ କର୍ତ୍ତୃପକ୍ଷ ଦୋଷ ଲଦାଲଦି**

ଚରମ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି କ୍ୟାପିଟାଲ ହସ୍ପିଟାଲ। ଯାନ୍ତ୍ରିକ ତ୍ରୁଟି ସାଙ୍ଗକୁ ଚିକିତ୍ସାରେ ଅବହେଳା ଅଭିଯୋଗ ହସ୍ପିଟାଲ ପିଛା ଛାଡୁନି। ଏ ସବୁ ସମସ୍ୟା ସତ୍ତ୍ୱେ ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ସୋମବାର ହସ୍ପିଟାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ରୋଗୀଙ୍କୁ ହାତଲେଖା ଟିକେଟ ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଠିକାସଂସ୍ଥା ଓ ହସ୍ପିଟାଲ କର୍ତ୍ତୃପକ୍ଷ ପରସ୍ପର ମଧ୍ୟରେ ଦୋଷ ଲଦାଲଦି ହେଉଥିବା ବେଳେ ରୋଗୀ ସମସ୍ୟାରେ ପେଷି ହୋଇଯାଉଛନ୍ତି।

ସକାଳ ପ୍ରାୟ ୭ଟା। ହସ୍ପିଟାଲ ଟିକେଟ କାଉଣ୍ଟର ସାମ୍ନାରେ ଲାଗିଥିଲା ଲମ୍ବା ଲାଇନ। ରାତି ୪ଟାରୁ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଆଉଟ୍‌ଡୋର ଟିକେଟ ପାଇଁ ଲାଇନ୍‌ରେ ରହିଥିଲେ। ହେଲେ କମ୍ପ୍ୟୁଟର ଖରାପ ହେବା ସହ ଟିକେଟ କାଉଣ୍ଟର କର୍ମଚାରୀ ୧୧ମାସ ହେଲା ଦରମା ପାଇ ନ ଥିବାରୁ ହଠାତ୍ କାର୍ଯ୍ୟ ବନ୍ଦ କରିଥିଲେ। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେମାନେ ହୋ ହଲ୍ଲା କରିବା ସହ ଟିକେଟ କାଉଣ୍ଟର କାଚକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଫାଣ୍ଡି ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡି ନ ଥିଲା। ଦୀର୍ଘ ଏକ ଘଣ୍ଟା ଧରି ଉତ୍ତେଜନା ଲାଗି ରହିବା ପରେ ପୋଲିସ ଓ ସହାୟ କର୍ମକର୍ତ୍ତାମାନେ ଟିକେଟ୍ କାଉଣ୍ଟରକୁ ଯାଇ ହାତ ଲେଖା ଟିକେଟ୍ ଦେଇଥିଲେ। ହେଲେ ରୋଗୀମାନେ କେଉଁ ୱାର୍ଡ଼କୁ ଯିବେ ତାହା ପୋଲିସ ଓ ସହାୟ କର୍ମକର୍ତ୍ତା ମଧ୍ୟ ଜାଣିପାରି ନ ଥିଲେ। ଯାହାକୁ ନେଇ ସେମାନେ ମଧ୍ୟ ଦ୍ୱନ୍ଦ୍ୱରେ ପଡିଥିଲେ।

ଆଉଟ୍‌ଡୋର ଟିକେଟ୍ କାଟିବା ପାଇଁ ଠିକା ନେଇଥିବା ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହୋଇଥିଲା। ସଂସ୍ଥା ଟିକେଟ କାଉଣ୍ଟରରେ ଥିବା କମ୍ପ୍ୟୁଟର ସଜାଡୁ ନ ଥିବା ବେଳେ କର୍ମଚାରୀମାନଙ୍କୁ ମଧ୍ୟ ଦରମା ଦେଉ ନ ଥିଲା। ଏପରିକି କର୍ମଚାରୀମାନଙ୍କୁ ୧୧ମାସର ଦରମା ଠିକାସଂସ୍ଥା ଦେଇନାହିଁ। ଏହାକୁ ନେଇ କର୍ମଚାରୀମାନେ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଓ ଠିକା ସଂସ୍ଥାକୁ ଜଣାଇଥିଲେ ମଧ୍ୟ କିଛି ଫଳ ହୋଇ ନ ଥିଲା। ତେଣୁ କର୍ମଚାରୀମାନେ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ।

ନୟାଗଡ଼ରୁ ଆସିଥିବା ରୋଗୀ ରେବତୀ ବିଶ୍ୱାଳ କହିଛନ୍ତି, ମୋ ଦେହ ଭୀଷଣ ଖରାପ ହେବାରୁ ମୁଁ ଟିକେଟ ପାଇଁ ରାତି ୪ଟାରୁ ଲାଇନ୍‌ରେ ରହିଥିଲି। ହେଲେ କର୍ମଚାରୀମାନେ ଟିକେଟ୍ ନ ଦେଇ ହଠାତ୍ ଚାଲିଯାଇଥିଲେ। ସେମାନେ ଦରମା ନ ପାଇଲେ ଆମେ କ'ଣ ହଇରାଣ ହେବୁ ବୋଲି ସେ କହିଥିଲେ। ଏନେଇ ସ୍ୱର୍ଣ୍ଣ ନାମକ କର୍ମଚାରୀ କହିଛନ୍ତି, କମ୍ପ୍ୟୁଟର ଚାଲୁ ନ ଥିବା ଓ ୧୧ମାସ ଦରମା ବାକି ଥିବା ସମ୍ପର୍କରେ ଆମେ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଜଣାଇଛୁ। କିନ୍ତୁ ସେମାନେ କିଛି କଲେନି। ଆମେ କେତେ ଦିନ ମାଗଣା ଖଟିବୁ। ହାତରେ କେତେ ରୋଗୀଙ୍କୁ ଲେଖି ଟିକେଟ ଦେବୁ। ତେଣୁ କାର୍ଯ୍ୟ ବନ୍ଦ କଲୁ।

ଠିକାସଂସ୍ଥା ୟୁନିସଫ୍ଟର ନିର୍ଦ୍ଦେଶକ ଅଶୋକ କୁମାର ଦାଶ କହିଛନ୍ତି, ହସ୍ପିଟାଲକୁ ଆମେ ଟଙ୍କା ଦେବା ପାଇଁ କହିଥିଲେ ମଧ୍ୟ ସେମାନେ ଶୁଣୁନାହାନ୍ତି। ଆମେ କର୍ମଚାରୀଙ୍କୁ କେଉଁଠୁ ଟଙ୍କା ଆଣି ଦେବୁ ବୋଲି ସେ ପାଲଟା ପ୍ରଶ୍ନ କରିଥିଲେ।

ହସ୍ପିଟାଲ ଉପାଧକ୍ଷ ଧନଞ୍ଜୟ ଦାଶ କହିଛନ୍ତି, ଠିକା ସଂସ୍ଥା ଠିକ୍ ଭାବେ କାମ କରୁ ନ ଥିବା ନେଇ ଆଗରୁ ଅଭିଯୋଗ ହୋଇଥିଲା। ହେଲେ ଠିକା ସଂସ୍ଥା ସୁଧୁରୁନାହିଁ। ମାସକୁ ଅଢେଇ ଲକ୍ଷ ଟଙ୍କା ନେଉଛି। ହେଲେ ସମୁଦାୟ କର୍ମଚାରୀଙ୍କୁ ୬୦ ହଜାର ଟଙ୍କା ଦେଇପାରୁନାହିଁ। ଠିକାସଂସ୍ଥା ଜାଣିଶୁଣି ସମସ୍ୟା ସୃଷ୍ଟି କରୁଛି।



ନଷ୍ଟ ହୋଇଯାଇଥିବା କଦଳୀ ଗଛ ।

## ହାତୀ ଉପଦ୍ରବ: ଉଜାଡ଼ିଲେ ଫସଲ

ଖୋର୍ଦ୍ଧା ଅଫିସ,୧୮।୩

ଖୋର୍ଦ୍ଧା ରେଞ୍ଜ ଗୋଡା ଗାଁରେ ଦନ୍ତାହାତୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ରବିବାର ବିଳମ୍ବିତ ରାତିରେ ଗ୍ରାମର ମାଧବ ପାଇକରାୟଙ୍କ ବଗିଚାରେ ପଶି କଦଳୀ ଗଛ ଭଙ୍ଗାରୁଜା କରିଛନ୍ତି। ସେହିପରି ବଟକୃଷ୍ଣ ଖୁଣ୍ଟିଆଙ୍କ କଖାରୁ ଫସଲ ଖାଇବା ସହ ନଷ୍ଟ କରିଛନ୍ତି। ଗ୍ରାମବାସୀ ବାରମ୍ବାର ଘଉଡାଇଥିଲେ ମଧ୍ୟ ହାତୀ ପ୍ରତିଦିନ ଆସୁଥିବା ଦେଖିବାକୁ ମିଳୁଛି। ଘର ଓ ବାରିରେ ପଶି ଫସଲ ନଷ୍ଟ କରୁଥିବା ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବନବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ହରିରାଜପୁର ମେଳଣ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ କମିଟି କର୍ମକର୍ତ୍ତା ।

ଜଟଣୀ,୧୮।୩(ଡି.ଏନ୍.ଏ.)

ଓଡ଼ିଶା ପ୍ରସିଦ୍ଧ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ ୨୬ତାରିଖରୁ ଆରମ୍ଭ ହେବ। ଏହା ୪ଦିନ ଧରି ଅନୁଷ୍ଠିତ ହେବ। ଏ ନେଇ ସୋମବାର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳଣ ପରିଚାଳନା କମିଟିର ସଂଯୋଜକ ପ୍ରସନ୍ନ ମହାରଥୀଙ୍କ ପୌରୋହିତ୍ୟରେ ଏହି ବୈଠକ ହୋଇଥିଲା। ଏଥିରେ ବିଦ୍ୟୁତ୍, ଗମନାଗମନ, ପାନୀୟଜଳ, ଅସ୍ଥାୟୀ ଶୌଚାଳୟ, ସ୍ୱାସ୍ଥ୍ୟସେବା, ଟ୍ରାଫିକ୍ ସମସ୍ୟା, ଷ୍ଟ୍ରିଟ୍‌ଲାଇଟ୍ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଜମାଣ ଓ ଠାକୁର ମେଳଣ ଉତ୍ସବ ଦିନ ଲକ୍ଷାଧିକ ଜନସମାଗମ ହେଉଥିବା ଦୃଷ୍ଟିରୁ ଟ୍ରାଫିକ୍ ସମସ୍ୟା ଅଧିକ ଦେଖାଦେଇଥିଲା। ଏହି ସମସ୍ୟା ଦେଖାଦେଉଥିବା ଖୋର୍ଦ୍ଧା–ଜଟଣୀ–ପିପିଲି ଓ ହରିରାଜପୁର–କପିଳପ୍ରସାଦ ରାସ୍ତାରେ ଭାରିଯାନ କଟକଣା ଜାରି କରିବାକୁ ଆଲୋଚନା ହୋଇଛି। ଏହି ମେଳଣରେ ରାତି ସାରା ଆତସବାଜି ପ୍ରଦର୍ଶନ ହୋଇଥାଏ। ଚଳିତବର୍ଷ ଆକର୍ଷଣୀୟ ଆତସବାଜି ପ୍ରଦର୍ଶନ କରାଯିବା ନେଇ ସ୍ଥିର ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ଅଧିକ ପୋଲିସ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମେଳଣ ହେଉଥିବା ପଡ଼ିଆ ପୁରୀ ଜିଲା ଅଧୀନରେ ରହିଥିଲେ ମଧ୍ୟ କମିଶନରେଟ୍ ପୋଲିସ ଓ ଖୋର୍ଦ୍ଧା ଜିଲା ପ୍ରଶାସନର ବିଭିନ୍ନ କାର୍ଯ୍ୟ ଉପରେ ସମ୍ପୃକ୍ତି ରହିଛି। ଏହି ସମସ୍ୟା ସମାଧାନ ପାଇଁ ପୁରୀ ଜିଲା ପ୍ରଶାସନ ଓ ପୋଲିସ ସହିତ କମିଶନରେଟ୍ ପୋଲିସ ଓ ଖୋର୍ଦ୍ଧା ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା ପରିଚାଳନା କମିଟିର ସଂଯୋଜକ ପ୍ରସନ୍ନ କହିଛନ୍ତି। ବୈଠକରେ ଡେଲାଙ୍ଗ ତହସିଲଦାର ଜ୍ଞାନେନ୍ଦ୍ର ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ସମରେନ୍ଦ୍ର ଭୂତିଆ, ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ, ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ଓ ମେଳଣ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଧାୟକ ପ୍ରାର୍ଥିତ୍ୱକୁ ବିରୋଧ

# ସ୍ଥାନୀୟ ବ୍ୟକ୍ତିଙ୍କୁ ସୁଯୋଗ ମିଳୁ

ବୋଲଗଡ଼,୧୮।୩(ଡି.ଏନ.ଏ.)



ସଭାରେ ଯୋଗଦେଇଥିବା ମଞ୍ଚ କର୍ମକର୍ତ୍ତା ଓ ସଦସ୍ୟ

ବେଗୁନିଆ ନିର୍ବାଚନ ମଣ୍ଡଳୀରେ ଅଣ ଆଞ୍ଚଳିକ ପ୍ରାର୍ଥିତ୍ୱକୁ ବିରୋଧ କରି ସୋମବାର ବୋଲଗଡ଼ସ୍ଥିତ ଗାନ୍ଧୀମଣ୍ଡପ ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଚଳିତ ସାଧାରଣ ନିର୍ବାଚନରେ ସ୍ଥାନୀୟ ଅଞ୍ଚଳର ପ୍ରାର୍ଥୀଙ୍କୁ ସୁଯୋଗ ଦେବାକୁ ସମସ୍ତ ରାଜନୈତିକ ଦଳମାନଙ୍କୁ ଆହ୍ୱାନ ଦିଆଯାଇଛି। ଯେଉଁ ଦଳ ଅଣଆଞ୍ଚଳିକ ବ୍ୟକ୍ତିଙ୍କୁ ବିଧାୟକ ପ୍ରାର୍ଥୀ କରିବ ସେମାନଙ୍କୁ ତୀବ୍ର ବିରୋଧ କରାଯିବ ବୋଲି ବେଗୁନିଆ–ବୋଲଗଡ ଭୂମିପୁତ୍ର ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ଏହି ସଭାରେ କୁହାଯାଇଛି। ଅର୍ଜୁନ ଗଡବାଡ଼ଙ୍କ ଆବାହକତ୍ୱରେ ସମାଜିକ କର୍ମୀ କୃଷ୍ଣମୋହନ ପାଲଟାସିଂହ ସଭାରେ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଐତିହାସିକ ରବୀନ୍ଦ୍ର ପରିଡା, ଭିକାରୀ ସାହୁ , ଆଇନଜୀବୀ ସୁଶ୍ରୀ ଗୌରୀଦେବୀ, ଅକ୍ଷୟ ରଥ, ଗୋପବନ୍ଧୁ ସାହୁ, ଗୋପୀନାଥ ଖାଡେଙ୍ଗା, ବଟକୃଷ୍ଣ ସାହୁ, ଗୋପବନ୍ଧୁ ସାହୁ, ଭାଗବତ ମହାପାତ୍ର, ଗୁଲାମ ନବୀ ତରଫଦାର, ଅମୂଲ୍ୟ ତ୍ରିପାଠୀ, ବିଜୟ କଲ୍ଲୁମାର ପ୍ରଧାନ, ପ୍ରସନ୍ନ ସାମନ୍ତରାୟ, ଆଲୋକ ସୁବୁଦ୍ଧି ଓ ରାଧାଶ୍ୟାମ ରାୟଗୁରୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବେଗୁନିଆ ଓ ବୋଲଗଡ ଉଭୟ ବ୍ଲକ ଅଞ୍ଚଳରେ ସୁଯୋଗ୍ୟ ପ୍ରାର୍ଥୀ ରହିଥିବା ସଭାରେ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଜନୈକ ନେତା କୃଷ୍ଣଚନ୍ଦ୍ର ବାରିକ କହିଛନ୍ତି, ସ୍ଥାନୀୟ ବ୍ୟକ୍ତି ପ୍ରାର୍ଥୀ ହେବାର ସୁଯୋଗ ପାଇଲେ ଅଞ୍ଚଳର ସ୍ୱାଭିମାନ ରହିବା ସହ ବିକାଶ ହୋଇପାରିବ। ବାହାର ଅଞ୍ଚଳ ପ୍ରାର୍ଥୀମାନେ ନିର୍ବାଚନ ଜିତିଗଲେ ମୁରବୀପଣିଆ ଦେଖାଉଥିବା ଅଭିଯୋଗ ହୋଇଛି। ତେଣୁ ଚଳିତ ନିର୍ବାଚନରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ଟିକେଟ ଦେବା ପାଇଁ ମଞ୍ଚ ପକ୍ଷରୁ ଦାବି ହୋଇଛି ।

## ଦଧିମାଛଗାଡ଼ିଆ ଚାମ୍ପିୟନ

ଖୋର୍ଦ୍ଧା ଅଫିସ,୧୮।୩:

ଖୋର୍ଦ୍ଧା ବ୍ଲକ ବାଜପୁର ପଞ୍ଚାୟତ ଡିହପୁରରେ ସ୍ଥାନୀୟ ଇଲେଭେନ ଷ୍ଟାର କ୍ଲବ ପକ୍ଷରୁ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଦଧିମାଛଗାଡ଼ିଆର ତ୍ରିନାଥ କ୍ଲବ ୧–୦ ଗୋଲରେ ରେଣ୍ଡମ କ୍ଲବ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଅତିଥିଭାବେ ଉମାକାନ୍ତ ପାହାଡ଼ସିଂ, ଶ୍ରୀରଞ୍ଜନ ମଙ୍ଗରାଜ, ବାସୁଦେବ ପ୍ରଧାନ, ଲଳିତ ବ୍ରହ୍ମ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଓ ରର୍ନସଅପ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅଶୋକ କଅଁର ଖେଳ ପରିଚାଳନା କରିଥିବାବେଳେ ରଜନୀକାନ୍ତ ନାୟକ ଓ ଚନ୍ଦ୍ରଶେଖର ରାଓ ଲାଇନ୍‌ରେ ସହଯୋଗ କରିଥିଲେ। ଗତ ୫ତାରିଖରୁ ଆରମ୍ଭ ହୋଇଥିବା ଏହି ଖେଳରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।

## ବେଆଇନ ମଦ ବ୍ୟବସାୟ, ୨ କୋର୍ଟଚାଲାଣ

ନିରାକାରପୁର,୧୮।୩(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ବେଆଇନ ଦେଶୀ ଓ ବିଦେଶୀ ମଦ ବ୍ୟବସାୟ ବଢୁଥିବା ଅଭିଯୋଗ ହେଉଛି। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କାରଣ ମଦ୍ୟପାନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଉଛି। ଏଭଳି କାର୍ଯ୍ୟ ବନ୍ଦ କରିବା ନିମନ୍ତେ ଜଙ୍କିଆ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ସତ୍ୟବ୍ରତ ଲେଙ୍କାଙ୍କ ନେତୃତ୍ୱରେ ଏସ୍‌ଆଇ ରଶ୍ମିରଞ୍ଜନ ଦାଶ ଓ କର୍ମଚାରୀମାନେ ରବିବାର ଚଢ଼ାଉ କରି ଦୁଇଟି ସ୍ଥାନରୁ ୨୦ ଲିଟର ଚୋରା ମଦ ଜବତ କରିଛନ୍ତି। ଏ ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବାବୁଲି ବେହେରା ଓ ଶରତ ପ୍ରଧାନ। ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ଛକରୁ ବାବୁଲିଙ୍କଠାରୁ ୧୦ ଲିଟର ଦେଶୀମଦ ଓ ଗୋଡ଼ିପଡ଼ାର ଶରତଙ୍କଠାରୁ ୧୦ ଲିଟର ଦେଶୀ ଓ ବିଦେଶୀ ମଦ ପୋଲିସ ଜବତ କରି ଉଭୟଙ୍କୁ କୋର୍ଟଚାଲାଣ କରିଛି। ଚୋରା ମଦ କାରବାର ଉପରେ ରୋକ ନିମନ୍ତେ ଆଗକୁ ଏଭଳି ଚଢ଼ାଉ ଜାରି ରହିବ ବୋଲି ଜଙ୍କିଆ ପୋଲିସ ସୂତ୍ରରୁ ସୂଚନା ମିଳିଛି।

## ପିଚୁକୁଳିରେ ଭାଜପାର ସଂକଳ୍ପ ପଦଯାତ୍ରା

ବୋଲଗଡ଼,୧୮।୩(ଡି.ଏନ.ଏ.)

ସୋମବାର ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବୋଲଗଡ଼ ବ୍ଲକ ପିଚୁକୁଳି ପଞ୍ଚାୟତ ଅଞ୍ଚଳରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦଳୀୟ ନେତୃବୃନ୍ଦ ପିଚୁକୁଳି, ଚମ୍ପାଇଲୋ, ମାଗୁରା ଆଦି ଗ୍ରାମ ପରିକ୍ରମାକରି ଲୋକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ବୁଝିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଭାଜପାକୁ ସରକାର ଗଠନ ନିମନ୍ତେ ସୁଯୋଗ ଦିଆଗଲେ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ବିକାଶ ହୋଇପାରିବ ବୋଲି ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ପ୍ରକାଶ ବିଜୁଳି କହିଛନ୍ତି। ସଂଘମିତ୍ରା ରାଜଗୁରୁ, ଜୟଶ୍ରୀ ପଟ୍ଟନାୟକ, ସୁବାସ ଚନ୍ଦ୍ର ମିଶ୍ର, ଅଶୋକ ରାଉତ, ସିଲୁ ବଳିୟାରସିଂହ, ମିଥୁନ ପାଇକରାୟ, ବିଶ୍ୱ ରଣସିଂହ, ପ୍ରଦୀପ ନାୟକ, ରଣବିଜୁଳି, ବାବୁଲି ମାଣିକଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ କର୍ମୀ ପଦଯାତ୍ରାରେ ଯୋଗ ଦେଇଥିଲେ ।



ପଦଯାତ୍ରାରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ ।

## ବିଜେଡି ମହିଳା କର୍ମୀ ସମ୍ମିଳନୀ

ଟାଙ୍ଗୀ(ଖୋର୍ଦ୍ଧା)/ବାଲୁଗାଁ, ୧୮।୩(ଡି.ଏନ.ଏ.)

୫ ନଂ ଜୋନ୍ ଚଣ୍ଡେଶ୍ୱରରେ ସୋମବାର ବିଜେଡି ମହିଳା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଦେବେନ୍ଦ୍ର ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବତନ ବିଧାୟକ ରଘୁନାଥ ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଚିଲିକା ବ୍ଲକ ମହିଳା ସଭାପତି ମିନତି ପଣ୍ଡା, ଚଣ୍ଡେଶ୍ୱର ସରପଞ୍ଚ ସୁଧାକର ମହାପାତ୍ର, କୃଷ୍ଣଚନ୍ଦ୍ର ସାମନ୍ତରାୟ, ହରିବନ୍ଧୁ ପାତ୍ର, ପ୍ରଭାତ ରାଉତରାୟ, ଚିଲିକା ବ୍ଲକ ଉପାଧକ୍ଷ ଉତ୍ପଳ ପାଇକରାୟ ପ୍ରମୁଖ ସମାବେଶରେ ଯୋଗଦେଇ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟ କରିବା ଲାଗି ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ମହାପାତ୍ର, ଅଜୟ ଖୁଣ୍ଟିଆ, ମହେଶ ବିଶ୍ୱାଳ, ଶେଷଦେବ ରାୟଗୌରବ, ଅର୍ଜୁନ ବିଶ୍ୱାଳ, କବିତା ବେହେରା, ଶର୍ମିଷ୍ଠା ମହାରଣା, ପ୍ରେମଲତା ମହାନ୍ତି, ଉମାକାନ୍ତ ବେହେରା, ଦାମୋଦର ଜେନା, ସୁରେଶ ସାମନ୍ତରାୟ, ସୌରୀ ବିଶ୍ୱାଳ, ପ୍ରଫୁଲ୍ଲ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ହାଟବରଡିଠାରେ ଆୟୋଜିତ ବିଜେଡିର ଏକ କର୍ମୀ ସମ୍ମିଳନୀରେ ପୂର୍ବତନ ବିଧାୟକ ସାହୁ, ସାମନ୍ତସିଂହାର ଉପସ୍ଥିତ ଥିଲେ।



ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ସହ ବିଜେଡିର ମହିଳା କର୍ମକର୍ତ୍ତା ।

## ସାହିଭାଇର ଶ୍ୱେତଗଙ୍ଗା ଆଳତି ଆରମ୍ଭ

# ହିନ୍ଦୁ ସଂସ୍କୃତିର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

ପୁରୀ ଅଫିସ, ୧୮।୩



ଶ୍ୱେତଗଙ୍ଗା ଆଳତି କରାଯାଉଛି ।

ପବିତ୍ର ଗୋବିନ୍ଦ ଦ୍ୱାଦଶୀରେ ପୁରୀର ସାମାଜିକ ଅନୁଷ୍ଠାନ ସାହି ଭାଇ ପକ୍ଷରୁ ଐତିହ୍ୟ କୀର୍ତ୍ତିରାଜି ସଂରକ୍ଷଣ ଏବଂ ଏହାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଶ୍ୱେତଗଙ୍ଗା ଆଳତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶଙ୍ଖନାଦରୁ ଆରମ୍ଭ ହୋଇଥିଲା ଏହି କାର୍ଯ୍ୟକ୍ରମ। ବେଦପାଠ, ହୁଳହୁଳି, ନାମ ସଂକୀର୍ତ୍ତନରେ ସୃଷ୍ଟି ହୋଇଥିଲା ଏକ ଆଧାତ୍ମିକ ପରିବେଶ। ଏହି ଅବସରରେ ବୈଦିକ ରୀତିନୀତି ଅନୁଯାୟୀ ଶ୍ୱେତଗଙ୍ଗାଙ୍କ ଆଳତି କରାଯାଇଥିଲା। ଶତାଧିକ ମହିଳା, ପୁରୁଷ, ବୁଦ୍ଧିଜୀବୀ, ଶ୍ରଦ୍ଧାଳୁ ଭକ୍ତ, ପର୍ଯ୍ୟଟକ, ସ୍ଥାନୀୟ ଜନତା ଏହି ଆଳତି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଅଧ୍ୟାପକ ଲକ୍ଷ୍ମୀନାରାୟଣ ପଣ୍ଡା ଓ ସାଗର ନନ୍ଦ ସଂଯୋଜନା କରିଥିଲେ। ପୁରୀ ବେଳାଭୂମି ଲାଇଫଗାର୍ଡ ସଂଘ ଏବଂ ଅଗ୍ନିଶମ ସେବା କେନ୍ଦ୍ର କର୍ମଚାରୀ ସହଯୋଗ କରିଥିଲେ। ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥଙ୍କ ମଧ୍ୟରେ ଅନ୍ୟତମ ହେଉଛି ଶ୍ୱେତଗଙ୍ଗା। ଜନଶ୍ରୁତି ଅନୁଯାୟୀ ଭକ୍ତ ଶ୍ୱେତରାଜାଙ୍କ ନାମାନୁସାରେ ଏହି ପବିତ୍ର ପୁଷ୍କରିଣୀ ନାମ ଶ୍ୱେତଗଙ୍ଗା ନାମିତ ହୋଇଛି। ଲୋକକଥାନୁଯାୟୀ ପବିତ୍ର ଗଙ୍ଗା ନଦୀ ସହିତ ଏହାର ସମ୍ପର୍କ ରହିଛି। ଏଠାରେ ପିତୃପୁରୁଷଙ୍କ ଶ୍ରାଦ୍ଧ ଓ ତିଳ ତର୍ପଣ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ମଙ୍ଗୁମଠର ମହନ୍ତ ବିଭୂତି ଭୂଷଣ ଦାଶ ମହାରାଜା କହିଥିଲେ।

ଏହି ଉତ୍ସବରେ ପୁରୁଷୋତ୍ତମ ନନ୍ଦ ଦେବତୀର୍ଥ ମହାରାଜ ଯୋଗଦେଇ ଶ୍ୱେତଗଙ୍ଗାର ଐତିହ୍ୟ ସମ୍ପର୍କରେ କହିଥିଲେ। ବରିଷ୍ଠ ଆଇନଜୀବୀ ବୈଷ୍ଣବ ପାଣି ଚାରିଧାମ ମଧ୍ୟରେ ଶ୍ରେଷ୍ଠ ଧାମ ହେଉଛି ପୁରୁଷୋତ୍ତମ ଧାମ। ସନାତନ ସଂସ୍କୃତି ସର୍ବଦା ବିଶ୍ୱକୁ ଦିଗଦର୍ଶନ ଦେଉଛି। ହିନ୍ଦୁ ସଂସ୍କୃତିର ସୁରକ୍ଷା ଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନାର୍ଦ୍ଦନ ପାଟ୍ଟଯୋଶୀ, ବଳରାମ କୋଠ ରଘୁବୀର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ମଙ୍ଗୁଳୀ ପାତ୍ର, ଶକ୍ତିପ୍ରସାଦ ନାୟକ, ଗୋପୀନାଥ ସେଠୀ ଓ ମହେନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

